ସାପ୍ତାହିକ
Postal Regd. No.: SBP/RN-01/2022-2024
ସ୍ୱୀକାର
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 9 | 26 February - 04 March 2023 | Sambalpur | Page- 8 | Invitation Price Rs.10

# ଶ୍ରୀ ଜଗନ୍ନାଥ ଯଥାର୍ଥରେ ମହାପ୍ରଭୁ ପଦବାଚ୍ୟ: କୃଷ୍ଣକେଶବ ଷଡଙ୍ଗୀ



ସମ୍ବଲପୁର : ମହାପ୍ରଭୁ ଶ୍ରୀ ଜଗନ୍ନାଥ ତ୍ୟାଗ ଓ ଗୁଣାନୁରାଗରେ ମହନୀୟ। ଶରୀରେ ଉଦ୍ଭିଦ ଜଗତ ଓ ବ୍ୟବହାରରେ ପ୍ରାଣୀ ଜଗତକୁ ପ୍ରତିନିଧିତ୍ୱ ଦେଇ ସେ ଜଗତର ନାଥ ଜଗନ୍ନାଥ ବୋଲି ବିଶିଷ୍ଟ ବାଗ୍ମୀ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କହିଛନ୍ତି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ 'ମହାପ୍ରଭୁ ଶ୍ରୀ ଜଗନ୍ନାଥ' ଶୀର୍ଷକ ଆଲୋଚନା ସଭାରେ ମୁଖ୍ୟ ଆଲୋଚକ ରୂପେ ଯୋଗ ଦେଇ ଡାକ୍ତର ଷଡଙ୍ଗୀ କହିଲେ ଯେ, ନାମ, ରୂପ, ବୟସ ପ୍ରଭୃତି ୯ଟି ବିଷୟରେ ତ୍ୟାଗୀ ଏବଂ ଗରୁଡ, ହନୁମାନ, ସୁଦର୍ଶନ ପ୍ରଭୃତି ୯ ଜଣ ଗୁଣବାନଙ୍କ ଠାରେ ଅନୁରାଗୀ ଶ୍ରୀ ଜଗନ୍ନାଥ ଏକାଧାରରେ ଭାବଗ୍ରାହୀ, ଆର୍ତ୍ତତ୍ରାଣ ତଥା ସମଦର୍ଶୀ ହୋଇଥିବାରୁ ସେ ଯଥାର୍ଥରେ ମହାପ୍ରଭୁ ପଦବାଚ୍ୟ ।

ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଲୀଳାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ବୃକ୍ଷ ଓ ଶରୀର ଅଭିନ୍ନ । ଭାଗବତର ପଦ ଉଦ୍ଧାର ପୂର୍ବକ ଶରୀରରେ ବୃକ୍ଷର ଅନୁରୂପ ଗୁଣାବଳୀ ପ୍ରତିଭାତ ହେଉଥିବାରୁ ମହାପ୍ରଭୁ ବୃକ୍ଷର ଶରୀର ନେଇ ଲୀଳା ବିସ୍ତାର କରୁଛନ୍ତି । ଶରୀର ନଶ୍ୱର ଓ ଆତ୍ମା ଅବିନଶ୍ୱର ବୋଲି ଦେଖାଇବାକୁ ଯାଇ ମହାପ୍ରଭୁ ଗୋଟିଏ ଦାରୁ ବିଗ୍ରହକୁ ଛାଡି ଆଉ ଗୋଟିଏ ଦାରୁ ବିଗ୍ରହରେ ଦର୍ଶନ ଦେଇ ନବକଳେବର ତତ୍ତ୍ୱକୁ ପ୍ରକାଶିତ କରନ୍ତି ବୋଲି ସେ କହିଥିଲେ ।







'ସ୍ୱୀକାର' ପକ୍ଷରୁ ସ୍ୱତନ୍ତ୍ର ଆଲୋଚନା ସଭା



ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗରାଜୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ଆମ ସାଂସ୍କୃତିକ ଓ ସାମାଜିକ ଜୀବନରେ ଜଗନ୍ନାଥ ଚେତନା ଏକ ଅବିଚ୍ଛେଦ୍ୟ ଅଙ୍ଗ । ପରମ୍ପରାଗତ ଭାବରେ ଭାରତ ବର୍ଷର ଅନ୍ୟତମ ଦେବାଳୟ ଠାରୁ ଜଗନ୍ନାଥ ଧାମର ଅନେକ ସ୍ୱତନ୍ତ୍ରତା ରହିଛି ଏବଂ ଶ୍ରୀ ଜଗନ୍ନାଥଙ୍କ ସହିତ ପ୍ରତ୍ୟେକ ଓଡିଆର ପାରିବାରିକ ନିବିଡତା ରହିଛି ବୋଲି ମତବ୍ୟକ୍ତ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଜଗନ୍ନାଥ ଚେତନାର ସାର୍ବଜନୀନତା ସମ୍ପର୍କରେ ମତ ରଖିଥିଲେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଅଧ୍ୟକ୍ଷତା କରି ଭାରତବର୍ଷର ବିଭିନ୍ନ ଅଞ୍ଚଳର ଭକ୍ତ ମାନଙ୍କ ଭଗବତ ଭକ୍ତି ସମ୍ପର୍କରେ କହିଥିଲେ ।


(ଅବଶିଷ୍ଟାଂଶ ଶେଷ ପୃଷ୍ଠାରେ)

















## ଏ ସଂଖ୍ୟାରେ..



ଦେହ ପାଇଁ ହିତକାରୀ ହଳଦୀ



ଅଙ୍କୁରିତ ଖାଦ୍ୟ ଶରୀର ପାଇଁ ଉପକାରୀ



ମୋଟାପା କମାଏ ଟମାଟୋ



ସ୍ୱାସ୍ଥ୍ୟ ପାଇଁ କମଳା



ଲାଭକାରୀ ପିଜୁଳି



ଗାଜରର ଉପକାରିତା

# ୪୬ ବିଜେଡି ବିଧାୟକଙ୍କ ନାଁରେ ୧୮୦ ମାମଲା ରହିଛି: ଜୟନାରାୟଣ ମିଶ୍ର

ଭୁବନେଶ୍ୱର : ଶାସକ ଦଳର ବିଧାୟକମାନେ ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ରଙ୍କୁ 'ଅଭ୍ୟାସଗତ ଅପରାଧୀ' ବୋଲି କରୁଥିବା ତର୍ଯିତୋଫାନର ଜବାବ ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ, ଖୋଦ୍ ଶାସକ ଦଳର ୪୬ଜଣ ବିଧାୟକଙ୍କ ନାଁରେ ୧୮୦ଟି ମାମଲା ରହିଛି । ସେମାନଙ୍କ ମଧ୍ୟରୁ ୬ଜଣଙ୍କ ନାଁରେ ଦଫା ୩୦୭, ୨ ଜଣଙ୍କ ନାଁରେ ଦଫା ୩୯୫ (ଡକାୟତି), ୯ ଜଣଙ୍କ ନାଁରେ ଦଫା ୩୭୯ (ଚୋରି) ଅଭିଯୋଗ ରହିଛି । ୪ ଜଣଙ୍କ ନାଁରେ ଦଫା ୧୭୧ (ଲାଞ୍ଚ) ଅଭିଯୋଗ ସହ ୨୮ ଜଣ ବିଧାୟକଙ୍କ ନାଁରେ ଦଫା ୫୦୬ରେ ଧମକ, ୫ ଜଣଙ୍କ ନାଁରେ ଦଫା ୩୫୪ରେ ମହିଳାଙ୍କୁ ଅସଦାଚରଣ ମାମଲା ଅଛି । ଜଣେ ବିଧାୟକଙ୍କ ନାଁରେ ୩୭୬ ଦଫାରେ ବଳାତ୍କାର ମାମଲା ଥିବାବେଳେ ୪ ଜଣଙ୍କ ନାଁରେ ଦଫା ୩୬୫/୩୬୩ରେ ଅପହରଣ ଭଳି ମାମଲା ରହିଛି । ଶାସକ ଦଳର ଜଣେ ବିଧାୟକଙ୍କ ନାଁରେ ୧୯ଟି ମାମଲା ଥିବାବେଳେ ଅନ୍ୟ ଜଣେ ବିଧାୟକଙ୍କ ନାଁରେ ୨୯ଟି ମାମଲା ରହିଛି ।

ଶ୍ରୀ ମିଶ୍ର କହିଛନ୍ତି ଯେ, ଏଭଳି ଅଭିଯୋଗ ନେଇ ସେ ସେମାନଙ୍କୁ ଅପରାଧୀ କହୁନି । କାରଣ ରାଜନୀତି କଲେ ଆପଣଙ୍କ ନାଁରେ ଏମିତି ଅନେକ ଅଭିଯୋଗ ଆସିଥାଏ । ମୋ' ନାଁରେ ଯେଉଁସବୁ ଅଭିଯୋଗ ଅଛି, ସେଗୁଡ଼ିକର କେଉଁ ଧରଣର ଅଭିଯୋଗ, ତା'କୁ ସମୀକ୍ଷା କରନ୍ତୁ । ଏନେଇ ଖୋଲା ମଞ୍ଚରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛି । ବିଜେପୁର ମାମଲା ପଛରେ ଚକ୍ରାନ୍ତ ରହିଛି ।

ବିଜେପୁର ନିର୍ବାଚନ ଜିତିବାକୁ ଚକ୍ରାନ୍ତ କରି ଗୋଟିଏ ନିରୀହ ଲୋକଙ୍କୁ ହତ୍ୟା କରାଯାଇଛି । ମୋ' ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି । ସେ ଆହୁରି କହିଲେ, ମନ୍ତ୍ରୀ କେମିତି ଅଭିଯୋଗ କରିବେ ? ମନ୍ତ୍ରୀମାନେ ହେଉଛନ୍ତି ନିଜେ ସରକାର । ସରକାର



ଗୋଟିଏ ମାମଲାର ତଦନ୍ତ କରୁଥିବା ବେଳେ ମନ୍ତ୍ରୀ କିଭଳି କହିବେ ସେଥିରେ କେନ୍ଦ୍ର ମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଚକ୍ରାନ୍ତ କରିଥାଇପାରନ୍ତି । ମନ୍ତ୍ରୀ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି କି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ତାଙ୍କୁ ନେଇ ହୋଇଥିବା ବିବାଦ ପ୍ରସଙ୍ଗ ଉଠାଇ ଜୟନାରାୟଣ କହିଛନ୍ତି । ଜଣେ ପୁଲିସ କେଉଁଠି ଥିବ ଆସି ଗୋଡ଼ ଚକଟି ଦେବ, ମୁଥ ମାରିବ । ଆଉ ମାଡ଼ ଖାଇଥିବା ଲୋକ ନାଁରେ କେସ୍ ହେବ ? ମୋତେ ଶାସକ ଦଳର ନେତାମାନେ ଅଭ୍ୟାସଗତ ଅପରାଧୀ କହୁଛନ୍ତି । ଯଦି ମୁଁ ଅପରାଧୀ ଚାର୍ଜସିଟ କରନ୍ତୁ ।

ହେଲେ ସ୍ୱେଚ୍ଛାଚାରୀ ବନ୍ଧୁକଧାରୀ ଲୋକ ବାଦ୍ କୌଣସି ସାଧାରଣ ଲୋକଙ୍କୁ ଯଦି ସାମାନ୍ୟତମ ଖରାପ ବ୍ୟବହାର ପ୍ରଦର୍ଶନ କରିଥିବି, ପ୍ରମାଣ ଦିଅନ୍ତୁ । ରାଜନୈତିକ ଜୀବନରୁ ଓହରିଯିବି । ଖାଲି ସେତିକି ନୁହେଁ, ସେ ଆହୁରି କହିଥିଲେ, କୌଣସି ପୂର୍ବତନ ବିରୋଧୀ ଦଳ ନେତାଙ୍କ ବିରୋଧରେ କିଛି ମତ ଦେଇନାହିଁ । ସଭିଙ୍କ ପ୍ରତି ମୋର ସମ୍ମାନ ଅଛି । ତଥାପି ସେମାନଙ୍କ ମଧ୍ୟରୁ କାହାରି ମନରେ ଆଘାତ ଦେଇଥିବି, ସେଥିପାଇଁ ମୁଁ ଦୁଃଖିତ ।

## ହୀରାଖଣ୍ଡ ସାମ୍ମୁଖ୍ୟ ତରଫରୁ ମାତୃଭାଷା ଦିବସ

ସମ୍ବଲପୁର : ହୀରାଖଣ୍ଡ ସାମ୍ମୁଖ୍ୟ ପକ୍ଷରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡକ୍ଟର ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଡକ୍ଟର ଶ୍ୟାମ ସୁନ୍ଦର ଧର ମୁଖ୍ୟ ଅତିଥି ଓ ମୁକ୍ତକଣ୍ଠ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସମ୍ପାଦକ ସରୋଜ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉପ ସଭାପତି ପ୍ରଶାନ୍ତ ପାଙ୍ଗଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଡ. ସତ୍ୟନାରାୟଣ ଠାକୁର ଓ ପଙ୍କଜିନୀ ମେହେରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁକ୍ତକଣ୍ଠ ପ୍ରଧାନ, ପ୍ରଦୀପ ପାଣିଗ୍ରାହୀ, କମଳ ଲୋଚନ ପଣ୍ଡା, ମମତା ନାଥ, ସବିତା ମିଶ୍ର, ବିଚିତ୍ରା ବାଗ, ମୀନାକ୍ଷୀ ଷଣ୍ଢ, ରାଜେଶ ବେହେରା, କାମିନୀ ମୋହନ ଶର୍ମା, ସନାତନ କଟା, ଜ୍ୟୋତିର୍ମୟୀ ପ୍ରଧାନ, ସୁଷମା ପ୍ରଧାନ, ସରୋଜ ସାହୁ, ଲଳିତ ମୋହନ ଦେବତା, ପଙ୍କଜିନୀ ମେହେର, ମାହେଶ୍ୱରୀ ପାଣିଗ୍ରାହୀ, ଦିଲୀପ ବଘାର, ଗୁଣରଞ୍ଜନ ସାଲିମା, ରାଧାକାନ୍ତ ସୁନା, ଭାରତୀ ପଣ୍ଡା, ଲକ୍ଷ୍ମୀ ନାରାୟଣ ପଣ୍ଡା, ବବୁଲୁ ବାଗ, ଡ.ଶ୍ୟାମ ସୁନ୍ଦର ଧର ପ୍ରମୁଖ କବିତା ପାଠ କରିଥିଲେ ।

# ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭାଷା, ସାହିତ୍ୟ ଓ ଗଣମାଧ୍ୟମ ମଞ୍ଚ ସାମ୍ବାଦିକତାର ବାହ୍ୟ ଆବରଣ । ଏହି ତିନିଗୋଟି କ୍ଷେତ୍ରରେ ଉନ୍ନତି ବା ଅବନତି ସଂପୃକ୍ତ ସାମ୍ବାଦିକତାର ଗୁଣବତ୍ତା ନିର୍ଦ୍ଧାରଣ କରିଥାଏ । ଭାଷା ସମୃଦ୍ଧ ନ ହେଲେ, ସାହିତ୍ୟଗତ ଶୈଳୀରେ ବିବିଧତା ପ୍ରସ୍ଫୁଟିତ ନହେଲେ କିମ୍ବା ଗଣମାଧ୍ୟମ ମଞ୍ଚଗୁଡ଼ିକ ସ୍ୱାଧୀନ, ସ୍ୱାବଲମ୍ବୀ ଓ ଶକ୍ତିଶାଳୀ ନହୋଇପାରିଲେ ସାମ୍ବାଦିକତାର ବିକାଶ ଅସମ୍ଭବ । ଆଧୁନିକ ଯୁଗରେ ପ୍ରତ୍ୟେକ ଲକ୍ଷ୍ୟ ସାଧନ ନିମନ୍ତେ ଯୋଜନାବଦ୍ଧ ଉଦ୍ୟମ ପ୍ରତି ଗୁରୁତ୍ୱାରୋପ କରାଯାଇଥାଏ । ଓଡ଼ିଆ ସାମ୍ବାଦିକତାର ଉନ୍ନତିକଳ୍ପେ ସ୍ଥାନୀୟ ଭାଷା, ସାହିତ୍ୟ ଓ ଗଣମାଧ୍ୟମ ମଞ୍ଚ ବିକାଶ ଲାଗି ଲକ୍ଷ୍ୟବଦ୍ଧ ସମୟଭିତ୍ତିକ କାର୍ଯ୍ୟକ୍ରମ ପ୍ରଯୋଜନା ଆବଶ୍ୟକ । ଏହି ଦିଗରେ ସର୍ଜନଶୀଳଙ୍କ ବ୍ୟକ୍ତିଗତ ଉଦ୍ୟମ ପ୍ରାଥମିକତା ଦାବି କରୁଥିବା ସ୍ଥଳେ ଉଭୟ ନାଗରିକ ସମାଜ ଓ ସରକାରୀସ୍ତରରେ ପ୍ରୋତ୍ସାହନ ଅଭିଯାନର ସଫଳ ରୂପାୟନରେ ସହାୟକ ହୋଇ ପାରିବ ।

ଆନ୍ତର୍ଜାତିକସ୍ତରରେ କୋଭିଡ଼-୧୯ ମହାମାରୀ ପୂର୍ବାବସ୍ଥାର ପ୍ରଦ୍ୟୋଗୀକି ବିକାଶ ବିଭିନ୍ନ କାରଣରୁ ମହାମାରୀ କାଳରେ ଜନଜୀବନରେ ପ୍ରଖର ଗତିରେ ବ୍ୟବହାର୍ଯ୍ୟ ଧାରାରେ ପ୍ରବର୍ତ୍ତିତ ହୋଇଥିଲା । ମହାମାରୀ-ପର ପରିବର୍ତ୍ତିତ ପରିବେଶ 'ନ୍ୟୁ-ନରମାଲ'ରେ କ୍ରମ-ଉନ୍ମୋଚିତ ବିଭବଗୁଡ଼ିକ ମଧ୍ୟରେ ୨୦୨୨ ଶେଷ ପାଦରେ ପ୍ରଚଳିତ ଭାଷା ପ୍ରକ୍ରିୟାକରଣ 'ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ' କ୍ଷେତ୍ରରେ ସୃଜନ କୃତ୍ରିମ ବୁଦ୍ଧିମତ୍ତା 'ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ଭଳି ବୈଷୟିକ କୌଶଳ ଲୋକାର୍ପଣ ଯୁଗାନ୍ତକାରୀ ପରିବର୍ତ୍ତନର ସୂଚନା ଦେଇଛି । ୨୦୨୩ ଆରମ୍ଭରୁ ମାଇକ୍ରୋସଫଟ ସମର୍ଥିତ ଓପନ-ଏଆଇର 'ଚାଟ-ଜିପିଟି' ମଞ୍ଚର ପ୍ରସାର ଏବଂ ଗୁଗୁଲ ପକ୍ଷରୁ ତତସମ 'ବାର୍ଡ' ମଞ୍ଚ ଉନ୍ମୋଚନ ଘୋଷଣା ତଥା ବହୁ ଇଣ୍ଟରନେଟ ଉଦ୍ୟୋଗୀଙ୍କ ପକ୍ଷରୁ ନୂତନ ଉଦ୍ଭାବନ ପ୍ରକାଶନର ସମ୍ଭାବନା ସମଗ୍ର ଭାଷା, ସାହିତ୍ୟ ଓ ଗଣମାଧ୍ୟମ ମଞ୍ଚ ଉପତ୍ୟକାରେ ନବଜାଗରଣ ସୃଷ୍ଟି କରିଥିଲା ।

'ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ' ମାଧ୍ୟମରେ ସଫଟୱେର ଆପ୍ଲିକେସନ ଯୋଗେ ଇଣ୍ଟରନେଟରେ ଉପଲବ୍ଧ ତଥ୍ୟାବଳୀ ଆଧାରରେ ପ୍ରଶ୍ନର ଉତ୍ତର, ସାରାଂଶ ବା ବର୍ଣ୍ଣନା ସଂପର୍କୀତ ସ୍ୱୟଂକ୍ରିୟ ଧାରାରେ ରଚନା ପ୍ରସ୍ତୁତି ସଂଭବ । ପାରମ୍ପରିକଭାବେ ସର୍ଚ୍ଚ ଇଞ୍ଜିନ ଯୋଗେ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଉପଲବ୍ଧ ରଚନାବଳୀର ତାଲିକା ପ୍ରସ୍ତୁତ ସୁବିଧା ବ୍ୟବହୃତ ହୋଇ ଆସିଥିବା ସ୍ଥଳେ ପରବର୍ତ୍ତୀ ପର୍ଯ୍ୟାୟରେ ସେଗୁଡ଼ିକର ବିଶ୍ଳେଷଣାତ୍ମକ ରଚନା ପ୍ରସ୍ତୁତି ସଂଭବ ହୋଇ ପାରିଛି । ଏହି ବୈଷୟିକ ଅଗ୍ରଗତି ଡ଼ିଜିଟାଲ ମଞ୍ଚରେ ଉପଭୋକ୍ତାଙ୍କ ତଥ୍ୟ ଅନ୍ୱେଷଣ ଓ ଆହରଣ ପ୍ରକ୍ରିୟା ସଂପୂର୍ଣ୍ଣ ରୂପେ ବଦଳାଇଦେବା ନିଶ୍ଚିତ ।

ଚଳନ୍ତି ପରିବର୍ତ୍ତନ ଧାରାରେ ଭାରତ ମୂଳରୁ ଯୋଡ଼ି ହେବା ଉଲ୍ଲେଖନୀୟ ବିଷୟ । ଫେବୃୟାରୀ ୨୦୨୩ ପହିଲାରେ ଉପସ୍ଥାପିତ କେନ୍ଦ୍ର ବଜେଟରେ ଦେଶରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିକାଶ ନିମନ୍ତେ ଗୁରୁତ୍ୱ ଦିଆଯାଇଛି । ତିନିଗୋଟି ବୈଷୟିକ ଶିକ୍ଷାନୁଷ୍ଠାନରେ ଗବେଷଣା ପ୍ରୋତ୍ସାହନ ନିମନ୍ତେ ଉତ୍କର୍ଷକେନ୍ଦ୍ର ପ୍ରତିଷ୍ଠା ଫଳରେ ନୂତନ ଜ୍ଞାନକୌଶଳ ପରିଚାଳନା ନିୟନ୍ତ୍ରଣ ଲାଗି ପରିବେଶ ସୃଷ୍ଟି ସଂଭବ । ସରକାରଙ୍କ ଜାତୀୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କାର୍ଯ୍ୟକ୍ରମରେ କୃଷି, ଶିକ୍ଷା, ଭାରତୀୟ ଆଞ୍ଚଳିକ ଭାଷା, ସ୍ମାର୍ଟ ସିଟି, ସାଇବର ସିକ୍ୟୁରିଟି, ପରିବହନ ଓ ଆର୍ଥିକ କାରବାର ଇତ୍ୟାଦି ନଅ ଗୋଟି ବିଷୟକୁ ପ୍ରାଧାନ୍ୟ ଦିଆଯାଇଛି । ଏହି ସବୁ କ୍ଷେତ୍ରରେ ବ୍ୟବହାର୍ଯ୍ୟ ଜ୍ଞାନକୌଶଳ ବିକାଶକୁ ପ୍ରୋତ୍ସାହିତ କରାଯିବ ।

ଡ଼ିଜିଟାଲ ମଞ୍ଚରେ ଭାରତୀୟ ଆଞ୍ଚଳିକ ଭାଷା ସମୂହ ମଧ୍ୟରେ ପାରସ୍ପରିକ ଅନୁବାଦ ନିମନ୍ତେ ଭିତ୍ତିଭୂମି ପ୍ରତିଷ୍ଠା ଲାଗି ସରକାରଙ୍କ ପକ୍ଷରୁ 'ଭାଷାଣି' ନାମକ ଏକ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିବା ସ୍ଥଳେ 'ଚାଟ-ଜିପିଟି' ଦ୍ୱାରା ବିକଶିତ ନୂତନ କାରିଗରୀ କୌଶଳ ସଂଯୁକ୍ତ କରାଯାଇଥିବା କୁହାଯାଉଛି । ଏହାଫଳରେ ଓଡ଼ିଆ ସମେତ ବିଭିନ୍ନ ଆଞ୍ଚଳିକ ଭାଷା ଉନ୍ନତ ଭାଷା ପ୍ରକ୍ରିୟାକରଣ ସୁବିଧା ସୁଯୋଗ ମୂଳରୁ ଉପଯୋଗ କରିବା ନିମନ୍ତେ ପଥ ଉନ୍ମୁକ୍ତ ରହିବ । ଭାରତରେ ପ୍ରଣୀତ କୃତ୍ରିମ ବୁଦ୍ଧିମତ୍ତା ବିକାଶ ନୀତି ସ୍ଥାନୀୟ ପ୍ରଦ୍ୟୋଗୀକି ଶ୍ରମଶକ୍ତି ବିନିଯୋଗରେ ଦୀର୍ଘମିଆଦୀ ସଫଳତା ପାଇବା ଆଶା କରାଯାଇପାରେ ।

'ଚାଟ-ଜିପିଟି'ରେ 'ଜେନେରିଟିଭ ପ୍ରି-ଟ୍ରେନଡ଼ ଟ୍ରାନ୍ସଫରମର' ବୈଷୟିକ କୌଶଳ ସନ୍ନିବଶିତ ହୋଇଛି । ସରଳରେ ବୁଝାଇ କହିଲେ, କମ୍ପ୍ୟୁଟର ବୁଦ୍ଧିମତ୍ତା 'ଆଲଗୋରିଥିମ'ଗୁଡ଼ିକୁ ଡ଼ିଜିଟାଲ ମଞ୍ଚରେ ସ୍ଥାନୀତ ରଚନାଗୁଡ଼ିକରୁ ମାନବୀୟ ସୃଜନ ଶୈଳୀ ଅର୍ଥାତ ମନୁଷ୍ୟ କିପରି ଶବ୍ଦ ସଂଯୋଗରେ ବାକ୍ୟ ବା ଅନୁଚ୍ଛେଦ କରିଥାଏ ସେ ସଂପର୍କରେ ପୂର୍ବ-ତାଲିମ ବ୍ୟବସ୍ଥା କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ପଚାରିବା ମତେ ଆଲଗୋରିଥିମ ଗୁଡ଼ିକ ପୂର୍ବ-ପ୍ରଶିକ୍ଷିତ ଧାରାରେ ଚିନ୍ତାଧାରା ଓ ଶବ୍ଦାବଳୀ ଏକତ୍ରିତକରି ରଚନା ପ୍ରସ୍ତୁତ କରିବାରେ ସକ୍ଷମ ହୋଇପାରୁଛି ।

ଏହି ପ୍ରକ୍ରିୟା ଜଟିଳ, ସମୟସାପେକ୍ଷ ଏବଂ ଖର୍ଚ୍ଚବହୁଳ । କିନ୍ତୁ କୋଟି କୋଟି ସଂଖ୍ୟାରେ ଉପଭୋକ୍ତାଙ୍କ ଦ୍ୱାରା ବ୍ୟବହୃତ ହେଲେ ବିଜ୍ଞାପନ ସୂତ୍ରରୁ ଅର୍ଥ ଉପାର୍ଜନ ଦ୍ୱାରା ଉପଭୋକ୍ତାଙ୍କୁ ମାଗଣା ବା ସ୍ୱଳ୍ପ ମୂଲ୍ୟରେ ସେବା ଯୋଗାଇଦେବା ସଂଭବ । ଉଦାହରଣରେ ୨୦୦୪ରୁ ଗୁଗୁଲ ସର୍ଚ୍ଚଇଞ୍ଜିନ ମାଗଣାରେ ସେବା ଯୋଗାଇ ଦେଉଥିଲେ ହେଁ ଆନ୍ତର୍ଜାତିକସ୍ତରରେ ବିଜ୍ଞାପନ ଡ଼ିଜିଟାଲ ମଞ୍ଚମୁହାଁ ହୋଇଥିବା ଏବଂ ସେଥିରୁ ସିଂହଭାଗ 'ଗୁଗୁଲ'କୁ ଯାଉଥିବା ସର୍ବଜନବିଦିତ ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ ଶିକ୍ଷା, ଆଇନ, ସ୍ୱାସ୍ଥ୍ୟସେବା, କମ୍ପ୍ୟୁଟର ପ୍ରୋଗ୍ରାମିଂ ଭଳି କେତେକ କ୍ଷେତ୍ରରେ ତୁରନ୍ତ ବ୍ୟାପକ ପରିବର୍ତ୍ତନ ଆଣିବା ଆକଳନ କରାଯାଉଛି । ଶିକ୍ଷାକ୍ଷେତ୍ରରେ ବିଦ୍ୟାଳୟରେ ହୋମୱାର୍କ ଠାରୁ ଆରମ୍ଭ କରି ଉଚ୍ଚତର ଉପାଧି ପରୀକ୍ଷା ନିମନ୍ତେ ସନ୍ଦର୍ଭ ପ୍ରସ୍ତୁତି ବିଭିନ୍ନ ପର୍ଯ୍ୟାୟରେ ପ୍ରଚଳିତ ଭାଷା ପ୍ରକ୍ରିୟାକରଣ ପଦ୍ଧତି ଉପଯୋଗ ପାଠ୍ୟକ୍ରମ, ଶିକ୍ଷାଦାନ ଓ ଶିକ୍ଷା ଗ୍ରହଣରେ ନୂତନ ଆଙ୍ଗିକ ସୃଷ୍ଟି ସୁସ୍ପଷ୍ଟ । ସେହିପରି ରୋଗୀର ସ୍ୱାସ୍ଥ୍ୟ ଇତିହାସ ଓ ନିଦାନ ବିବରଣୀ ଅନୁଶୀଳନରେ ଉନ୍ନତ ଚିକିତ୍ସା ପରାମର୍ଶ ଗ୍ରହଣ ନିମନ୍ତେ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତି ସଂଭବପର । ଜଟିଳ ଆଇନଗତ ସମସ୍ୟା ପୂର୍ବ-ପ୍ରଦତ୍ତ ଅଦାଲତ ରାୟଗୁଡ଼ିକ ଆଧାରରେ ସମୀକ୍ଷା ଓ ନିଷ୍ପତ୍ତି ଗ୍ରହଣକୁ ପ୍ରଭାବିତ କରିପାରିବ । ଭାରତୀୟ ଅଦାଲତଗୁଡ଼ିକରେ ବର୍ଷ ବର୍ଷ ଧରି ପଡ଼ି ରହିଥିବା ମମଲାଗୁଡ଼ିକର ଆପୋଷ ସମାଧାନ ନିମନ୍ତେ ଏହିଭଳି ବୈଷୟିକ କୌଶଳ ଉର୍ବର ଉପତ୍ୟକା ସୃଷ୍ଟି ଆଶା କରାଯାଇପାରେ ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନରେ ଓଡ଼ିଆ ମୂଳରୁ ସାମିଲ ହେବା ନିମନ୍ତେ ଉଭୟ କେନ୍ଦ୍ର ସରକାରଙ୍କ ପ୍ରଣୀତ 'ଭାଷାଣି' ଓ ଗୁଗୁଲର ପ୍ରସ୍ତାବିତ 'ଲାଙ୍ଗୁଏଜ ମଡ଼େଲ ଫର ଡ଼ାଏଲଗ ଆପ୍ଲିକେସେନ୍ସ' ବୈଷୟିକ କୌଶଳ ଉଚ୍ଚକୋଟୀର ଅନୁବାଦ ସୁବିଧା ୨୦୨୩ ବର୍ଷ ଶେଷ ସୁଦ୍ଧା ଉପଲବ୍ଧ ହେବା ଆଶା କରାଯାଏ । ଅର୍ଥାତ, ଇଂଲିଶ ଭାଷାରେ ଡ଼ିଜିଟାଲ ମଞ୍ଚରେ ପ୍ରସ୍ତୁତ ରଚନାବଳୀ ଅନାୟାସରେ ଓଡ଼ିଆକୁ ଅନୁବାଦ କିମ୍ବା ଓଡ଼ିଆରୁ ଇଂଲିଶ ବା ଅନ୍ୟାନ୍ୟ ଶହେ ସରିକି ଭାଷାକୁ ଅନୁବାଦ ସଂଭବ ହୋଇପାରିବ । ପ୍ରଚଳିତ ଅନୁବାଦର ଗୁଣବତ୍ତା କୃତ୍ରିମ ବୁଦ୍ଧିମତ୍ତା ଉପଯୋଗରେ ବୃଦ୍ଧି ପାଇବ । ଏହି ପରିବେଶ ରାଜ୍ୟର ଜ୍ଞାନ ଗ୍ରହଣ ଓ ପ୍ରସାର କ୍ଷେତ୍ରରେ ଅନ୍ତର୍ଜାତିକସ୍ତରକୁ ଉନ୍ନୀତ ହେବା ପଥ ସୁଗମ କରିବ । ସବୁଠାରୁ ବଡ଼ କଥା ହେଲା ପାଠ୍ୟ ସାଙ୍ଗକୁ ଶ୍ରାବ୍ୟ 'ଭଏସ' ଓ ଦୃଶ୍ୟ 'ଭିଡ଼ିଓ'ରେ ମଧ୍ୟ ଏହି ଅନୁବାଦ ବ୍ୟବସ୍ଥା କ୍ରମବିକଶିତ ହେବା ଯୋଜନା ରହିଛି ।

ମହାମାରୀ-ପର କମ୍ପ୍ୟୁଟିଂ ପରିବେଶରେ ସୃଜନ କୃତ୍ରିମ ବୁଦ୍ଧିମତ୍ତା ଅଭିଯାନ ଯୁଗାନ୍ତକାରୀ ପରିବର୍ତ୍ତନର ପ୍ରତିଶୃତି ବହନ କରୁଥିବା ସଂପର୍କରେ ଦେଶବିଦେଶରେ ବିଶେଷଜ୍ଞମାନେ ଏକମତ । ତେବେ ଓଡ଼ିଶାର ସାଂସ୍କୃତିକ ପରିଧିରେ ପାରମ୍ପରିକ ବିଶ୍ୱାସ ଏଭଳି ନୂତନ ବୈଷୟିକ କୌଶଳକୁ ଆଲିଙ୍ଗନ କରିବା ନିମନ୍ତେ କେତେ ଦୂର ଆଗେଇ ଆସିବ, ତାହା ଏକ ପ୍ରଶ୍ନ । ଭାଷା, ସାହିତ୍ୟ ଓ ଗଣମାଧ୍ୟମରେ ନୂତନତ୍ୱ ପରିପ୍ରକାଶ ନିମନ୍ତେ ସରକାରୀସ୍ତରରେ ପରିଚାଳିତ ଓଡ଼ିଆ ସାହିତ୍ୟ ଏକାଡ଼େମୀ, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଓଡ଼ିଶା ଲଳିତକଳା ଏକାଡ଼େମୀ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ, ବିଶ୍ୱବିଦ୍ୟାଳୟସ୍ତରର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କମ୍ପ୍ୟୁଟର ଓ ଗଣଯୋଗାଯୋଗ ବିଭାଗ ସମୂହରେ ଏଥି ନେଇ ଯେଉଁ ଉନ୍ମୋଦନା ଆଶା କରାଯିବା କଥା ତାହା ପ୍ରାୟତଃ ଶୂନ୍ୟ । ଓଡ଼ିଶା ଭର୍ଚୁଆଲ ଏକାଡ଼େମୀର ସତ୍ତା ଖୋଜି ପାଇ ହୁଏନି । ରାଜନୀତିକସ୍ତରରେ ଆଞ୍ଚଳିକ ଭାଷା ଭିତ୍ତିରେ ସ୍ୱାତନ୍ତ୍ର୍ୟ ଦାବି ଅନୁବାଦ ବୈଷୟିକ କୌଶଳ ବିକାଶରେ ଅର୍ଥହୀନ ହୋଇପଡ଼ିବା ସୁସ୍ପଷ୍ଟ । ଅବଶ୍ୟ ପ୍ରଦ୍ୟୋଗୀକି ବିକାଶର ପ୍ରାକୃତିକ ଧାରା ଯେ ଅନମନୀୟ ଏବଂ ଓଡ଼ିଆ ଭାଷା ସେହି ପ୍ରବାହରେ ସମୃଦ୍ଧ ଭବିଷ୍ୟତ ଦ୍ୱାର ଦେଶରେ ଉପନୀତ, ଏଥିରେ ସନ୍ଦେହ ନାହିଁ ।

# ବିକାଶର ଆଧାର ସନ୍ତୁଳିତ ହେଉ

ଶ୍ରୀମଦ୍ ଭଗବଦ୍‌ଗୀତାର ଚତୁର୍ଦ୍ଦଶ ଅଧ୍ୟାୟରେ ଶ୍ରୀଭଗବାନଙ୍କ ମୁଖରୁ ଏକ ବଡ ଗୁରୁତ୍ୱପୂର୍ଣ୍ଣ ସୂତ୍ର ବାହାରିଛି, ସେହି ବିଷୟରେ ଚିନ୍ତନ କରିବା ବର୍ତ୍ତମାନ ପରିସ୍ଥିତିରେ ନିତାନ୍ତ ଆବଶ୍ୟକ । ସେହି ଅଧ୍ୟାୟର ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ ମୁଁ ତୁମକୁ ସେହି ଜ୍ଞାନ ପ୍ରଦାନ କରୁଛି, ଯେଉଁ ଜ୍ଞାନକୁ ପ୍ରାପ୍ତ କରିବା ପରେ ବା ଯାହାକୁ ଜାଣିନେବା ପରେ ସମସ୍ତ ମନୁଷ୍ୟ ପରମ ସିଦ୍ଧିକୁ ପ୍ରାପ୍ତ ହୋଇଯାନ୍ତି । ସେହି ଜ୍ଞାନ କ'ଣ ? ଏହି ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି –

ସର୍ବଯୋନିଷୁ କୌନ୍ତେୟ ମୂର୍ତୟଃ ସମ୍ଭବନ୍ତି ଯାଃ ।
ତାସାଂ ବ୍ରହ୍ମ ମହଦ୍‌ୟୋନିରହଂ ବୀଜପ୍ରଦଃ ପିତା ।।୪।। (ଗୀତା-୧୪-୪)

ଏଠାରେ ଶ୍ରୀଭଗବାନ କହିଛନ୍ତି ଯେ ନାନା ପ୍ରକାର ଯୋନିରେ ଅର୍ଥାତ୍ ଯୋନି କହିଲେ କେବଳ ମନୁଷ୍ୟ ଯୋନି ନୁହେଁ, ଅସଂଖ୍ୟ ଯୋନି ରହିଛି – ମନୁଷ୍ୟେତର ପ୍ରାଣୀ ମଧ୍ୟ ଅଛନ୍ତି, ଦେବ, ଯକ୍ଷ, ଗନ୍ଧର୍ବ, କିନ୍ନର ଇତ୍ୟାଦି ଅଛନ୍ତି, ତେଣୁ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି – ସେମାନେ ଅଲଗା ଅଲଗା ତ ଦେଖାଯାନ୍ତି ନିଶ୍ଚୟ, କିନ୍ତୁ ସେ ସମସ୍ତଙ୍କୁ ଗର୍ଭରେ ଧାରଣ କରୁଥିବା ମା' ଏକ ଅଟନ୍ତି ଆଉ ସେ ହେଉଛନ୍ତି ଜଗନ୍ମାତା, ଜଗଜ୍ଜନନୀ ଏବଂ ସେହି ସମସ୍ତଙ୍କ ମଧ୍ୟରେ ଚେତନାର ବୀଜ ସଞ୍ଚାର କରିଥିବା ପିତା ମଧ୍ୟ ଏକ ଅଟନ୍ତି ଅର୍ଥାତ୍ ପରମେଶ୍ୱର । ଜଗନ୍ମାତା, ଜଗଜ୍ଜନନୀ ଓ ପରମେଶ୍ୱର ପରମପିତା ଅଟନ୍ତି ଏବଂ ଜଡ ଓ ଚେତନର ଏଇ ଯେଉଁ ସଂଯୋଗ, ଏହା ପ୍ରକୃତିର ତିନି ଗୁଣ ଦ୍ୱାରା ଚାଲିଥାଏ– ସତ, ରଜ ଓ ତମ ।

ଗୀତା ଓ ସାଂଖ୍ୟ ଦର୍ଶନ ଅନୁସାରେ, ଏ ସମସ୍ତ ସୃଷ୍ଟି ଯେତେ ଦେଖାଯାଉଛି ଏବଂ ଯେତେ ଦେଖାଯାଉ ନାହିଁ, ଏହା ସତ, ରଜ ଓ ତମର ପରସ୍ପର ସଂଯୋଗ କାରଣରୁ ହୋଇଛି । ଗୀତା କହିଥାଏ ଯେ ଏ ସଂସାର ପ୍ରକୃତିର ଏହି ତିନି ଗୁଣ ମଧ୍ୟରେ ଖେଳ କାରଣରୁ ଚାଲିଛି । ଏହା ମଧ୍ୟ ଏକ ଅଦ୍‌ଭୁତ କଥା; କାରଣ ଯିଏ ବି ସୃଷ୍ଟିର ଉତ୍ପତ୍ତି ବିଷୟରେ ଗବେଷଣା କରିଛନ୍ତି – ସେମାନଙ୍କ ନିଷ୍କର୍ଷ ଏଇ ତିନିଟିରେ ଆସି ଅଟକିଯାଏ । ବୈଦିକ ଚିନ୍ତନ ଅନୁସାରେ ସୃଷ୍ଟିର ବ୍ୟବସ୍ଥା ତ୍ରିମୂର୍ତ୍ତି ଦେଖନ୍ତି ଅର୍ଥାତ୍ ଭଗବାନ ବ୍ରହ୍ମାଙ୍କ କାର୍ଯ୍ୟ ହେଉଛି ନିର୍ମାଣ କରିବା, ରଚନା କରିବା, ଭଗବାନ ବିଷ୍ଣୁଙ୍କ କାର୍ଯ୍ୟ ପାଳନ-ପୋଷଣ, ଅଭିବର୍ଦ୍ଧନ କରିବା ଏବଂ ଭଗବାନ ଶିବଙ୍କ କାର୍ଯ୍ୟ ହେଉଛି ସଂହାର-ବିନାଶ କରିବା ।

ଖ୍ରୀଷ୍ଟିଆନ ଧର୍ମ ମଧ୍ୟ ଏପରି କିଛି ଚିନ୍ତନ ରୂପେ 'ହୋଲି ଟ୍ରିନିଟି'ର କଥା କହିଥାଏ । ଆୟୁର୍ବେଦରେ ତ୍ରିଦୋଷର ଚିନ୍ତନ ଆସେ ତ ତପ, ତନ୍ତ୍ର, ଯୋଗର ଭାଷାରେ ଇଡା, ପିଙ୍ଗଳା, ସୁଷୁମ୍ନା ନାଡୀ କିଛି ଏହିପରି ସମୀକରଣକୁ ଜନ୍ମ ଦେଉଥିବାର ଦେଖାଯାଏ ।

ରୋଚକ କଥା ହେଉଛି ବିଜ୍ଞାନର ସିଦ୍ଧାନ୍ତ ମଧ୍ୟ ଶେଷରେ ତିନିଟି ଉପରେ ଆସି ଅଟକି ଯାଏ ଏବଂ ବୈଜ୍ଞାନିକ ଚିନ୍ତନ ମଧ୍ୟ ଏହି ଜଗତର ସମସ୍ତ ବ୍ୟାପାରର ଆଧାର- ପ୍ରୋଟନ, ଇଲେକ୍ଟ୍ରନ ଓ ନିଉଟ୍ରନକୁ ମାନିଥାଏ । ସେ କହିଥାଏ ଯେ ସମସ୍ତ ପଦାର୍ଥର ନିର୍ମାଣ ଏହି ତିନିଟି ମୌଳିକ ତତ୍ତ୍ୱକୁ ନେଇ ହୋଇଛି ।

ଗୀତା ଏହାକୁ ସତ, ରଜ ଓ ତମ ମଧ୍ୟର ସଂବାଦ କହିଥାଏ । ଗୀତା କହିଥାଏ ଯେ ପ୍ରକୃତି ନିଜର ଏହି ତିନି ଗୁଣ ମାଧ୍ୟମରେ ପୁରୁଷକୁ, ଜୀବାତ୍ମାକୁ ସନ୍ଦେଶ ପ୍ରେରଣ କରିଥାଏ ଓ ପୁରୁଷ ନିଜର ପ୍ରବୃତ୍ତି ଅନୁସାରେ ଏହାର ଉତ୍ତର ଦେଇଥାଏ । ସେହି ଦିଆଯାଇଥିବା ଉତ୍ତରକୁ ଦର୍ଶନ ଭାଷାରେ କର୍ମ କୁହାଯାଏ ଏବଂ କରାଯାଇଥିବା କର୍ମ ସଂସ୍କାରର, ଚିତ୍ତର, ଚିତ୍ତ ଜୀବନର ନିର୍ମାଣ କରିଥାଏ ଓ ଏହି ଜଗତ ରୂପୀ କ୍ରିୟାକଳାପ ଚାଲିଥାଏ ।

ଯିଏ ଏହି ଖେଳ ବୁଝିଯାଏ, ସେ ତିନି ଗୁଣର ଉର୍ଦ୍ଧ୍ୱକୁ ଯାଇ ତ୍ରିଗୁଣାତୀତ ହୋଇଯାଏ ଏବଂ ଏହାକୁ ନ ବୁଝି ପାରିବା ବ୍ୟକ୍ତି ବାନ୍ଧି ହୋଇ ରହିଥାଏ ଓ ସେପର୍ଯ୍ୟନ୍ତ ଜନ୍ମ ନେଉଥାଏ, ଯେପର୍ଯ୍ୟନ୍ତ ସେ ଗୁଣଗୁଡିକର ଉର୍ଦ୍ଧ୍ୱକୁ ଚାଲି ନ ଯାଇଛି । ଏହିପରି ଭାରତୀୟ ଦର୍ଶନ ଅନୁସାରେ ଏ ସଂସାର ଏହି ତିନି ଗୁଣ ମଧ୍ୟରେ ସମୀକରଣର ପରିଣାମ ।

ଏଥି ମଧ୍ୟରୁ ତମ-ଆଳସ୍ୟ, ଜଡତା, ନିଷ୍କ୍ରିୟତା, ଅବରୋଧ, ଅଟକିଯିବାର ସ୍ଥିତି ଅଟେ । ଯେପରି ଗୋଟିଏ ପଥର ପଡିଛି– ତାହା ସ୍ଥିର ରହିଛି, କିନ୍ତୁ ତାହାକୁ ପାହାଡ ଶିଖରରୁ ଠେଲିଦେଲେ ସେଥିରେ ଗତି ଆସିଯାଏ । ଏଇ ଯେଉଁ ଗତି, ତ୍ୱରା, ପ୍ରବାହର ଅବସ୍ଥା– ଏହା ରଜ କାରଣରୁ ହୋଇଥାଏ । ସେଥିପାଇଁ ଛୋଟ ପିଲାଙ୍କ ମଧ୍ୟରେ ରଜର ଆଧିପତ୍ୟ ସେମାନଙ୍କୁ ନିରନ୍ତର ଗତିଶୀଳ ରଖିଥାଏ, କିନ୍ତୁ ବୃଦ୍ଧାବସ୍ଥାରେ ଆସିଥିବା ତମର ଆଧିପତ୍ୟ ସେହି ବ୍ୟକ୍ତିକୁ ସ୍ଥିର କରିଦେଇଥାଏ, କ୍ଳାନ୍ତି ଦେଇଥାଏ । ଏକ ପକ୍ଷରେ ଜନ୍ମ, ତ ଅନ୍ୟ ପକ୍ଷରେ ମୃତ୍ୟୁ ।

ଏକ ପକ୍ଷରେ ଉର୍ଜାର ଅତିଶୟ ପ୍ରବାହ, ତ ଅନ୍ୟ ପକ୍ଷରେ ନିଷ୍କ୍ରିୟତା । ଏକ ପକ୍ଷରେ ଅନେକ ବିଚାର, ତ ଅନ୍ୟ ପକ୍ଷରେ ଶୂନ୍ୟତା । ଏହି ଯେଉଁ ବ୍ୟକ୍ତିତ୍ୱର ଅତିରେକ ଦେଖାଯାଉଛି । ଏହାକୁ ଉପଯୁକ୍ତ ଦିଶା ଦେବା ପାଇଁ ତୃତୀୟ ଗୁଣର ଆବଶ୍ୟକତା ରହିଛି, ତାହା ହେଉଛି– ସତ ଏବଂ ସେହି ସତ ହିଁ ସନ୍ତୁଳନ ଆଣିଥାଏ ।

ସତର ଅର୍ଥ ପ୍ରକାଶ, ପବିତ୍ରତା, ସମଗ୍ରତା ଓ ସନ୍ତୁଳନ । ଜୀବନ ସମ୍ପୂର୍ଣ୍ଣ ରୂପେ ରଜ ଦିଗରେ ଚାଲିଗଲେ ମହାତ୍ୱାକାଂକ୍ଷୀ, ଉନ୍ମାଦୀ, ଅହଂକାରୀ ହୋଇଯାଏ ଏବଂ ଯଦି ସମ୍ପୂର୍ଣ୍ଣ ରୂପେ ତମ ଦିଗରେ ପ୍ରବାହିତ ହୋଇଯାଏ ତେବେ ତାହା ନିଷ୍କ୍ରିୟ, ଭାରୀ, ପୀଡାଦାୟୀ ହୋଇଯାଏ । ଜୀବନକୁ ଉଦ୍ଦେଶ୍ୟପୂର୍ଣ୍ଣ କରିବା ପାଇଁ ସେଥିରେ ସନ୍ତୁଳନ ଜରୁରୀ- ଏପରି ଏକ ସନ୍ତୁଳନ ଯେଉଁଥିରେ ଉର୍ଜାଃ ଥିବ, ପବିତ୍ରତା ଥିବ, କିନ୍ତୁ ବିଚାରଶୀଳତା ବି ରହିବ । ସାହସ ଥିବ, ଶୌର୍ଯ୍ୟ ଥିବ, ପରାକ୍ରମ ଥିବ, କିନ୍ତୁ ସମ୍ବେଦନା ବି ଥିବ । ଗତି ଥିବ, କ୍ଷମତା ଥିବ, ବିକାଶ ଥିବ, କିନ୍ତୁ ବିବେକ ବି ରହିବ । ଆଜି ଭାରତୀୟ ସମାଜକୁ ଉପଯୁକ୍ତ ଦିଶା ଦେବା ପାଇଁ ଏହି ସନ୍ତୁଳନପୂର୍ଣ୍ଣ ବିଚାରର ଆବଶ୍ୟକତା ରହିଛି, ଯେଉଁଠି ଏଭଳି ନୀତି ଗଠନ କରାଯାଇ ପାରିବ ଯେଉଁଥିରେ ପରମ୍ପରା ଓ ବିବେକ ମଧ୍ୟରେ ସନ୍ତୁଳନ ଥିବ, ଅତୀତ ଓ ଭବିଷ୍ୟ ମଧ୍ୟରେ ସନ୍ତୁଳନ ଥିବ ତଥା ଆର୍ଥିକ ବିକାଶ ଏବଂ ସଂସ୍କୃତି ମଧ୍ୟରେ ସନ୍ତୁଳନ ଥିବ । ଯଦି ଏପରି ସନ୍ତୁଳନ ଆଜି ଆମେ ସ୍ଥାପନ କରିପାରିବା ତେବେ ଭାରତୀୟ ସମାଜ ଏଭଳି ଉଚ୍ଚତା ପ୍ରାପ୍ତ କରି ପାରିବ, ଯାହାକୁ ଅଭୂତପୂର୍ବ କୁହାଯାଇ ପାରିବ ।

## 'ମନୁଷ୍ୟ ଜୀବନ' ଏକ ସୌଭାଗ୍ୟ, ଏକ ସମ୍ଭାବନା

ମନୁଷ୍ୟ ଜୀବନ ସୌଭାଗ୍ୟ ରୂପରେ ମିଳେ ଏବଂ ସମ୍ଭାବନା ରୂପରେ ମଧ୍ୟ । ଆମ ଭିତରେ ଏହି ଉଭୟ ସମ୍ଭାବନା ନିହିତ । ଆମେ ଚାହିଁଲେ ସନ୍ମାର୍ଗରେ ବି ଆଗକୁ ବଢ଼ିପାରିବା, କୁମାର୍ଗରେ ବି ଯାଇ ପତିତ ହୋଇପାରିବା । ଚିନ୍ତନ ଦୂଷିତ ହେଲେ, ଭାବନା ହେଲେ, ଦୃଷ୍ଟିକୋଣ କୁମାର୍ଗଗାମୀ ହେଲେ ବ୍ୟକ୍ତି ପାପ, ପତନ ପଥରେ ଖସି ପତିତ ହୁଏ । ବିପରୀତପକ୍ଷେ ଚେତନା ପରିମାର୍ଜିତ ହେଲେ, ବ୍ୟକ୍ତିତ୍ୱ ପ୍ରକାଶିତ ହେଲେ, ଭାବନା ଉଦାତ୍ତ ହେଲେ ମଣିଷ ଈଶ୍ୱରଙ୍କ ଦର୍ଶନ କରିବା ଯୋଗ୍ୟ ହୋଇଯାଏ । ମଣିଷ ସେହି, କିନ୍ତୁ ଭାବନା ଓ କର୍ମ ଅନୁସାରେ ଭିନ୍ନ ଭିନ୍ନ ଫଳ ପ୍ରାପ୍ତ କରେ । ପତିତ ହେଲେ ଅଙ୍ଗୁଳିମାଳ ହୋଇଯାଏ ଓ ଉପରକୁ ଉଠିଲେ ବୁଦ୍ଧ ହୋଇଯାଏ । ନରରୁ ନାରାୟଣ, ମାନବରୁ ମାଧବ ଓ ପଶୁରୁ ପରମାତ୍ମା ହେବାର ସମସ୍ତ ସମ୍ଭାବନା ମନୁଷ୍ୟ ଭିତରେ ବିଦ୍ୟମାନ । ଟିକିଏ ବିଚାର କରି ଦେଖନ୍ତୁ, ମଣିଷଠାରେ କେତେ ସମ୍ଭାବନା ରହିଛି ? ଏକମାତ୍ର ମନୁଷ୍ୟ ଯୋନିରେ ଚିନ୍ତନ, ପୁରୁଷାର୍ଥ, କର୍ମ, ଜ୍ଞାନ, ଭକ୍ତି, ସଙ୍ଗୀତ, ସାହିତ୍ୟ, କଳା ଆଦି ଅନେକ ସମ୍ଭାବନା ବିଦ୍ୟମାନ । ଏହିସବୁ ଉପରେ ବିଚାର କଲେ ମନେହୁଏ, ପରମେଶ୍ୱର ଏହାକୁ ବହୁତ ପରିଶ୍ରମକରି ତିଆରି କରିଛନ୍ତି । ଅନ୍ୟ ଯୋନିଠାରୁ ଏହାର ରଚନାପ୍ରତି ବିଶେଷ ଧ୍ୟାନ ଦିଆଯାଇଛି । ମନୁଷ୍ୟକୁ ଈଶ୍ୱରଙ୍କ ପ୍ରିୟତମ ସନ୍ତାନ କୁହାଯାଇ ପାରେ । ବୋଧହୁଏ ପ୍ରଭୁ ମନୁଷ୍ୟ ଉପରେ ଉତ୍ତରଦାୟିତ୍ୱର ବିଶେଷ ଭାର ଦେବାକୁ ତିଆରି କରିଛନ୍ତି । କାରଣ ଚୌରାଶି ଲକ୍ଷ ଯୋନି ଭିତରୁ ଏହା ହିଁ ଏକମାତ୍ର ଏପରି କୃତି, ଯାହାକୁ ସୃଷ୍ଟି– ସନ୍ତୁଳନର ଦାୟିତ୍ୱ ଦିଆଯାଇପାରେ । ପ୍ରକୃତିରେ ଅସନ୍ତୁଳନ ଘଟିଲେ, ପର୍ଯ୍ୟାବରଣ ପ୍ରଦୂଷିତ ହୋଇଗଲେ ବୃକ୍ଷରୋପଣଭଳି କାର୍ଯ୍ୟ ତୁଳାଇ ପରିବେଶ ସନ୍ତୁଳନରେ ସହଯୋଗ କରିବାର କାମ କେବଳ ମଣିଷ ହିଁ କରିପାରେ । ଆମେ ଏଠାରେ ଈଶ୍ୱରଙ୍କ ରାଜଦୂତ ରୂପରେ ବସିଛୁ ବୋଲି ଜାଣିବା ଦରକାର । ଯେଉଁପରି ଭାରତର ରାଜଦୂତ ଆମେରିକାରେ ବସି ଭାରତର ପ୍ରତିନିଧିତ୍ୱ କରିଥାଏ ।

ଅବଶିଷ୍ଟାଂଶ ୪ ପୃଷ୍ଠାରେ

# ଶ୍ରୀ ରାଧା

ଡକ୍ଟର ଶ୍ୟାମ ସୁନ୍ଦର ଧର

ହ୍ଲାଦିନୀ ଶକ୍ତିର ରସମୟୀ ହେଉଛନ୍ତି ରାଧା । କୃଷ୍ଣଙ୍କୁ ପାଇବା ପାଇଁ ଯିଏ ଆରାଧନାର ଚରମ ସୀମାକୁ ପହଞ୍ଚି ପାରେ ସେ ହେଉଛନ୍ତି ରାଧା । ଭାରତର ଦୁଇଟି ମୁଖ୍ୟ ପୁରାଣ ରାମାୟଣ ଓ ମହାଭାରତ ପରବର୍ତ୍ତୀ କାଳରେ ରଚିତ କେତେକ ପୁରାଣରେ ରାଧାକୃଷ୍ଣଙ୍କ ବିଚିତ୍ର ଲୀଳା ବର୍ଣ୍ଣିତ ହୋଇଛି । ପୁରାଣ ପରମ୍ପରାରେ ରାଧାଙ୍କ ଚରିତ୍ର ଏକ ପ୍ରତ୍ୟାରୋପିତ ଚରିତ୍ର ବୋଲି କେତେକ ବିଦ୍ୱାନ ମତ ଦେଇଥାନ୍ତି । ସେ ଯାହା ହେଉନା କାହିଁକି ରାଧା କୃଷ୍ଣଙ୍କ ପ୍ରେମମୟ ସଂପର୍କ, ଭାରତୀୟ ଜନ ମାନସକୁ ଗଭୀର ଭାବେ ପ୍ରଭାବିତ କରିଛି । ମଧ୍ୟଯୁଗୀୟ ସାହିତ୍ୟରେ ଭାରତର ପ୍ରତ୍ୟେକ ପ୍ରାନ୍ତୀୟ ଭାଷାରେ ରାଧାକୃଷ୍ଣଙ୍କ ପ୍ରେମ ଲୀଳା ବିଷୟ ବିସ୍ତୃତ ଭାବେ ବର୍ଣ୍ଣିତ । ଓଡ଼ିଶାର ଭକ୍ତ କବି ଜୟଦେବଙ୍କ ରଚିତ ସଂସ୍କୃତ ଗୀତ ଗୋବିନ୍ଦ ଏକ କାଳଜୟୀ ଗୀତିକାବ୍ୟ ଏହି ସବୁ ମଧ୍ୟଯୁଗୀୟ ସାହିତ୍ୟରେ କୃଷ୍ଣଙ୍କ ପ୍ରତି ବାତ୍ସଲ୍ୟ ସ୍ନେହରୁ ଆରମ୍ଭ କରି ଶୃଙ୍ଗାର ରସର ବିଶେଷ ଚିତ୍ରଣ ସହିତ ହାସ୍ୟ କରୁଣରସର ସାହିତ୍ୟ ମଧ୍ୟ ସୃଷ୍ଟି ହୋଇଛି । ସମସ୍ତ ରସକୁ ସମାପ୍ତି ଘଟିଛି । ଶାନ୍ତରସରେ ଫଳରେ ପାଠକ ପାଇଛି ଆନନ୍ଦ । ଭାରତୀୟ ଦର୍ଶନର ଏକ ମୌଳିକ ଏବଂ ଅବିଭାଜ୍ୟ ଅଙ୍ଗ ହେଉଛି ଆନନ୍ଦ । ଆନନ୍ଦରୁ ଜଗତର ସୃଷ୍ଟି ଏବଂ ବିଳୟ ।

ଓଡ଼ିଶାର ପଞ୍ଚସଖାଙ୍କ ମତରେ ସେ ଯୁଗଳ ତତ୍ତ୍ୱ ଜୀବାତ୍ମା ଶ୍ରୀରାଧା ଓ ପରମାତ୍ମା ଶ୍ରୀକୃଷ୍ଣଙ୍କ ଭିତରେ ଥିବା ମଧୁର ସମ୍ବନ୍ଧ ବ୍ୟତୀତ ଅନ୍ୟ କିଛି ନୁହେଁ । ଜୀବାତ୍ମା ଶ୍ରୀରାଧା ଯେ କାଳେ କାଳେ ଶ୍ୟାମ ସୁନ୍ଦରଙ୍କ ମଧୁର ପ୍ରୀତି ବନ୍ଧନରେ ରହି ଆସିଛନ୍ତି ତାହା କହିବା ବାହୁଲ୍ୟ । ସେ ହ୍ଲାଦିନୀ ତଳ ତଳ ରସର ପ୍ରତିମା । ଭକ୍ତ ପ୍ରବର ରାମାନନ୍ଦରାୟ ରାଧାଙ୍କ କୀର୍ତ୍ତନ କରି କହିଲେ-

ହ୍ଲାଦିନୀ ସାର ଅଂଶ ତାର ପ୍ରେମ ନାମ । ଆନନ୍ଦ ଚିନ୍ମୟରସ
ପ୍ରେମେର ଆଖ୍ୟାନ । ପ୍ରେମର ପରମ ସାର ମହାଭାବ ଜାନି ।
ସେଇ ମହାଭାବ ପୂଜା ରାଧା ଠାକୁରାଣୀ । (ଚୈତନ୍ୟ ଚରିତାମୃତ)

ହ୍ଲାଦିନୀ ଶକ୍ତିର ରସଘନ ମୂର୍ତ୍ତି ହେଉଛନ୍ତି ଶ୍ରୀରାଧା, ତେଣୁ ସେ ପ୍ରେମର ସ୍ୱରୂପିଣୀ କେବଳ ନୁହନ୍ତି, ପ୍ରେମଦାତ୍ରୀ ମଧ୍ୟ । ପଣ୍ଡିତ ମୃତ୍ୟୁଞ୍ଜୟଙ୍କ ଭାଷାରେ - 'କୃଷ୍ଣବିନା ରାଧା ଏବଂ ରାଧା ବିନା କୃଷ୍ଣଙ୍କର ଅନ୍ୟ କେହି ନାହିଁ । ପୁନଶ୍ଚ ସେ କହିଛନ୍ତି - 'ଯାହାର ବର୍ଣ୍ଣ ନାହିଁ ସେ କୃଷ୍ଣ । ଦାର୍ଶନିକଙ୍କ ମତରେ ସେ ବର୍ଣ୍ଣର ଅଭାବ, ସୁତରାଂ କୃଷ୍ଣ ଅରୂପ ଏବଂ ରାଧା ତାହାଙ୍କର ପ୍ରଭା । କୃଷ୍ଣ ପୁରୁଷ ଏବଂ ରାଧା ପ୍ରକୃତି । କୃଷ୍ଣ ଇଚ୍ଛାମୟ - ରାଧିକା ତାହାଙ୍କର କର୍ମ ସାଧିକା । (ଉତ୍କଳ ସାହିତ୍ୟ)

କୃଷ୍ଣଙ୍କ ଚରଣରେ ଯେ ସ୍ୱାଭାବିକ ଅନୁରାଗ, ତାହାକୁ ରାଗାତ୍ମିକ ଭକ୍ତି କୁହାଯାଏ । ଏହି ଭକ୍ତି ଶ୍ରେଷ୍ଠ ଭକ୍ତି ରୂପେ ପରିଚିତ । ଶ୍ରୀରାଧା ସ୍ୱୟଂ ଏହି ଭକ୍ତିର ଅଧିକାରିଣୀ । ଏହି ଭକ୍ତି ସାଧନାରେ ମୃତ୍ୟୁ.. ଶ୍ରେୟ, ମାତ୍ରକୃଷ୍ଣ ଏବଂ ପଦାରବିନ୍ଦରେ ଯେ କୌଣସି ଉପାୟରେ ଧ୍ୟାନ ରଖିବାକୁ ହେବ । ତେଣୁ କୃଷ୍ଣଙ୍କ ସାନ୍ନିଧ୍ୟ ପାଇଁ ରାଧାରାଣୀଙ୍କ ଜୀବନର ସମସ୍ତ ବିଭବ, ସମସ୍ତ ଭାବନା, ସମସ୍ତ ଆବେଗ, ଜୀବନର ପ୍ରତିଟି ମୁହୂର୍ତ୍ତ, ହୃଦୟର ପ୍ରତିଟି ସ୍ପନ୍ଦନ, ଦେହର ପ୍ରତିଟି ରକ୍ତ କଣିକା ଐକାନ୍ତିକ ନିବେଦନ ଜଣାଇଛନ୍ତି । କେବଳ ସେହି ନୀଳ ଇ ଜୀବର ଦେହରେ ଲୀନ ହୋଇ ଯିବା ପାଇଁ କବି ଅଭିମନ୍ୟୁ ସାମନ୍ତ ସିଂହାର ଶ୍ରୀରାଧାଙ୍କ ଭାବ ବିହ୍ୱଳତାକ ଜୀବନରୂପ ଦେବାକୁ ଯାଇ ଲେଖିଛନ୍ତି-

କାଳିଆ କମଳ ଦେଖିଲେ କମଳ
ନୟନରେ ହୁଏ ବର ଜର
ଦେଖି ନବଘନ ତାର ଅପଘନ
ପୁଲକି ହୁଅଇ ଥରଥର
ଘନ ସୁନ୍ଦର ହେ, ଯମୁନା ଯିବାକୁ ଡରଡର
ଏ ଅତି ବିଚିତ୍ର କଜ୍ଜଳରେ ଚିତ୍ର
ଲେଖି ଚୁମ୍ବଦିଏ ବାରମ୍ବାର ।
ଦେଖିତମାଳକୁ ବିଚାରି କୋଳକୁ
ସଜ ହେଉଥାଇ ବାହୁଯୁଗ
ଶ୍ୟାମ ସୁବାସରେ ଆଶ
ମାନସରେ କଳାବତୀ ସଂଗେ ଅନୁରାଗ
ରସ ଶେଖର ହେ, ଭୂଷଣ
ନୀଳେନ୍ଦ୍ର ମଣିବର
ବସି ରାମାବର ଫିଂଟାଇ କବର
ଦେଖୁଥାଇ ଥୋଇ ହୃଦେ ତାର ।
(ବିଦଗ୍ଧ ଚିନ୍ତାମଣି ଛାନ୍ଦ)

ଶ୍ରୀରାଧାଙ୍କ ଅନ୍ତରରେ ଶ୍ୟାମ ପ୍ରତି ପାଇଁ ଯେଉଁ ବ୍ୟାକୁଳତା, ଶ୍ୟାମ ମିଳନ ଆଶାରେ ହୃଦରେ ଯେଉଁ ଶୋକର ଗୁଞ୍ଜରଣ ଉପରୋକ୍ତ ପଙ୍‌କ୍ତିରୁ ଜଣାପଡେ କଳଙ୍କ ଅପବାଦକୁ ରାଧା ଖାତିର କରି ନାହାନ୍ତି । କୃଷ୍ଣଗତ ପ୍ରାଣା ସେ । କୃଷ୍ଣବର୍ଣ୍ଣ ଦ୍ରବ୍ୟରେ ତାଙ୍କର ଗଭୀର ସ୍ନେହ । କୃଷ୍ଣ ରୂପ ତାଙ୍କର ସମସ୍ତ ସତ୍ତାକୁ ବିଜଡିତ କରିଛି । ରାଧା ପ୍ରାଣଭରି ଅନୁଭବ କରିଛନ୍ତି ଯେ ଶ୍ୟାମ ବନ୍ଧୁର ଦିବ୍ୟ ରୂପ ଓ ସତ୍ତାକୁ । ସେହି ରାଧାଙ୍କ ପ୍ରାଣର ବାଣୀ ଚିରଦିନ ଝଙ୍କୃତ ରାଧାକୃଷ୍ଣ ସମ୍ବଳିତ କାବ୍ୟ କବିତାରେ ।

ବଡ଼ବଜାର, ସମ୍ବଲପୁର

## ଆଜିର ଚିନ୍ତନ

ଥରେ ଗୋଟିଏ ରାଜ୍ୟରେ ଦୁର୍ଭିକ୍ଷ ପଡିଲା । ଋଷିମାନେ କହିଲେ - 'ନରମେଧ ଯଜ୍ଞ ଦ୍ୱାରା ଦୁର୍ଭିକ୍ଷ ଦୂର ହେବ । ଏଥିପାଇଁ ଜଣେ ବ୍ୟକ୍ତିର ବଳି ଦରକାର ।' ଏହା ଶୁଣିବା ମାତ୍ରେ ଚାରିଆଡେ ଶ୍ମଶାନର ନିରବତା ଛାଇଗଲା । ସମସ୍ତଙ୍କୁ ଶାନ୍ତ ଥିବାର ଦେଖି ଜଣେ ମହାତ୍ମା କହିଲେ - 'କ'ଣ ଆପଣ ସମସ୍ତଙ୍କ ମଧ୍ୟରେ କାହାର ଏତେ ସାହସ ନାହିଁ, ଯିଏ ନିଜର ବଳିଦାନ ଦେଇ ପୂରା ରାଜ୍ୟର ଦୁର୍ଭିକ୍ଷ ଦୂର କରି ପାରିବ ।' ସେତିକିବେଳେ ଶତମନ୍ୟୁ ନାମକ ଏକ ବାଳକ ଆଗେଇ ଆସି କହିଲା- ''ମହର୍ଷି ମୁଁ ନିଜର ବଳିଦାନ ଦେବା ପାଇଁ ସହର୍ଷ ପ୍ରସ୍ତୁତ । ମୁଁ ମୋର ମାତାପିତାଙ୍କ ଆଜ୍ଞା ନେଇ ଆସୁଛି । ସେହି ବାଳକଟି ମାତାପିତାଙ୍କର ଏକମାତ୍ର ସନ୍ତାନ ଥିଲା । ସେ ଘରେ ପହଞ୍ଚି ନିଜ ମାତାପିତାଙ୍କୁ ନିଜର ନିଷ୍ପତ୍ତି ଜଣାଇଲା । ତା'ର ତର୍କ ସମକ୍ଷରେ ତା' ମାତାପିତା ତାକୁ ମନା କରିପାରିଲେ ନାହିଁ । ବାଳକ ଯଜ୍ଞସ୍ଥଳୀକୁ ଫେରି ଆସିଲା । ବଳି ସମୟରେ ବାଳକ ନିର୍ଭୀକ ଭାବରେ ସିଂହଶାବକ ସମାନ ଠିଆ ହୋଇଗଲା । ପୁରୋହିତ ହାତରେ ଖଡ୍ଗ ଧରିବା ମାତ୍ରେ ମେଘ ଛାଇଗଲା, ଚାରିଆଡେ ପୁଷ୍ପ ବୃଷ୍ଟି ହେଲା । ଇନ୍ଦ୍ରଦେବ ସେଠାରେ ପ୍ରକଟ ହୋଇ ସେଇ ବାଳକ ଗଳାରେ ମାଳା ପିନ୍ଧାଇ ଦେଇ କହିଲେ-- ''ମୁଁ ଏଇ ବାଳକର ତ୍ୟାଗବୃତ୍ତି ଦେଖି ପ୍ରସନ୍ନ ହୋଇଛି । ଏବେ ଏଠାରେ ମେଘ ବର୍ଷିବ । ଆଳସ୍ୟ, ଅସଂଯମ, ଅନୈତିକତାରେ ବୁଡି ରହିଥିବା ଏଠାକାର ସବୁ ଲୋକଙ୍କୁ ଦଣ୍ଡିତ କରିବା ପାଇଁ ଏପରି କରାଯାଇଥିଲା ।'' ସେଠାରେ ଖୁବ୍ ବର୍ଷା ହେଲା ଓ ଦୁର୍ଭିକ୍ଷ ଦୂର ହୋଇଗଲା । ଏହା ସତ୍ୟ ଯେ ଅକର୍ମଣ୍ୟତା, ଅସଂଯମ, ଅନୈତିକତା ଦୈବୀ ବିପତ୍ତିଗୁଡିକୁ ଆମନ୍ତ୍ରଣ ଦେଇଥାଏ ।।

ସ୍ୱୀକାର

ବର୍ଷ ୨୭, ସଂଖ୍ୟା- ୯, ୨୭ ଫେବୃଆରୀ - ୦୪ ମାର୍ଚ୍ଚ ୨୦୨୩


# ବୃଦ୍ଧାଶ୍ରମ ବନାମ ଯୌଥ ପରିବାର

**ଯୌ**ଥ ପରିବାର ଆମ ସଂସ୍କୃତି, ଯେଉଁଠି ଅନ୍ୟୁନ ତିନି ପିଢ଼ିର ସଦସ୍ୟ ଏକତ୍ର ସହାବସ୍ଥାନ କରିଥାନ୍ତି । ପରିବାରର ବୟସ୍କ ବ୍ୟକ୍ତିଙ୍କୁ ମୁଖ୍ୟ ଭାବେ ଗ୍ରହଣ କରାଯାଏ । ତାଙ୍କର ଅଭିଜ୍ଞତାସମ୍ପନ୍ନ ପରାମର୍ଶ ଓ ସୁଚିନ୍ତିତ ନିଷ୍ପତ୍ତି ଘରର ପ୍ରତ୍ୟେକଙ୍କ ପାଇଁ ସମାନ ଏବଂ ସମସ୍ତ ସମସ୍ୟା ସମାଧାନ ପାଇଁ ସହାୟକ ହୋଇଥାଏ । ପରସ୍ପର ପ୍ରତି ନିରନ୍ତର ସ୍ନେହ ସହଯୋଗ ରହିଥିବା ସେପରି ପରିବାରକୁ ବୈକୁଣ୍ଠ ସହ ତୁଳନା କରାଯାଏ । ସେହି ପରିବାରର ପ୍ରତ୍ୟେକ ସଦସ୍ୟ ସମ୍ପୂର୍ଣ୍ଣ ପରିବାରକୁ ନିଜର ମନେକରି ଥାଆନ୍ତି । ଆଗେ ବିଦ୍ୟାଳୟ ପାଠ୍ୟକ୍ରମରେ ଯୌଥ ପରିବାରର ସକାରାତ୍ମକ ଦିଗ ଆଧାରିତ ଗଳ୍ପ ଓ ଉଦାହରଣ ସ୍ଥାନ ପାଉଥିଲା, ଯାହା ସ୍ପଷ୍ଟ କରେ ଯେ ଏହା ଆମର ପରମ୍ପରା ମଧ ଥିଲା । ସ୍ୱାର୍ଥ, ତ୍ୟାଗ ଓ ସାମୂହିକ ସଦିଚ୍ଛା, ପାରସ୍ପରିକ ସହଯୋଗ ହେଉଛି ଯୌଥ ପରିବାରର ମୂଳମନ୍ତ୍ର । ବହୁବର୍ଷ ପୂର୍ବରୁ ଗ୍ରାମରେ କେହି ପରିବାରରୁ ଭିନ୍ନ ହେଲେ ସମାଜ ଆଖିରେ ନିନ୍ଦିତ ହେଉଥିଲା । ସମୟକ୍ରମେ ଯେଉଁମାନେ ରୋଜଗାର ଉଦ୍ଦେଶ୍ୟ ବା ଚାକିରି ପାଇ ସହରାଭିମୁଖୀ ହେଲେ ତନ୍ମଧ୍ୟରୁ ଅନେକେ ଅତ୍ୟନ୍ତ ସ୍ୱାର୍ଥପର ହୋଇଗଲେ । ନିଜର ଗୋଟିଏ ବା ଦୁଇଟି ସନ୍ତାନଙ୍କୁ ଉଚ୍ଚଶିକ୍ଷା ଦେଇ ସମାଜରେ ପ୍ରତିଷ୍ଠିତ କରାଇବା ଇଚ୍ଛା ସେମାନଙ୍କୁ ନିଜ ବାପା ମା'ଙ୍କଠାରୁ ଦୂରେଇ ଦେଲା ।

ବୟସର ଅପରାହ୍ନ ଛୁଇଁ ସାରିଥିବା ପ୍ରତ୍ୟେକ ବ୍ୟକ୍ତି ପରିବାର ସଦସ୍ୟମାନଙ୍କ ସେବା ସହାୟତା ଆଶା କରିଥାନ୍ତି । ତାହା ଯୋଗାଇଦେବା ଆମର ସାମାଜିକ କର୍ତ୍ତବ୍ୟ ମଧ । କିନ୍ତୁ ଯେଉଁମାନେ ଅତୀତରେ ବୃଦ୍ଧ ବାପା ମା' ଓ ପରିବାରର ଅନ୍ୟ ସଦସ୍ୟଙ୍କୁ ଗାଁରେ ଛାଡ଼ି ସହରକୁ ଆସିଥିଲେ ଏବେ ସେମାନଙ୍କ ପୁଅ ଝିଅ ଉଚ୍ଚ ବେତନ ପାଇଁ ବାପା ମାଆଙ୍କଠାରୁ ବହୁଦୂର ବା ବିଦେଶରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଏବଂ ସେମାନେ ବୟସର ଅପରାହ୍ନରେ ସ୍ୱକର୍ମ ଅର୍ଜିତ ଫଳ ସ୍ୱରୂପ ଅଧିକ ନିଃସଙ୍ଗ ଜୀବନ ବିତାଉଛନ୍ତି । ଗାଁରେ ସେମାନଙ୍କ ବାପା ମା'ଙ୍କୁ ପରିବାରର ଅନ୍ୟ ସଦସ୍ୟ, ଗ୍ରାମବାସୀଙ୍କ ସହଯୋଗ ମିଳୁଥିଲା ; ଯାହାକି ସହରରେ ପାଇବା ସମ୍ଭବ ନୁହେଁ । ଏହା ପାଶ୍ଚାତ୍ୟ ସଭ୍ୟତା ଅନୁକରଣର କରୁଣ ପରିସ୍ଥିତି । ପ୍ରଯୁକ୍ତି ବିଦ୍ୟାର ଉନ୍ନତି ଯୋଗୁଁ ସେମାନେ କେବଳ ନିଜ ପୁଅ ବୋହୂ ବା ନାତି ନାତୁଣୀଙ୍କ ସହ ସମ୍ପର୍କ ଦୃଶ୍ୟ ଶ୍ରାବ୍ୟରେ ସୀମିତ ରଖି ଆତ୍ମସନ୍ତୋଷ ପାଉଛନ୍ତି । କିନ୍ତୁ ସେମାନଙ୍କ ଅନ୍ତର୍ବେଦନା ନା କହି ପାରୁଛନ୍ତି ନା ସହିପାରୁଛନ୍ତି । ପୁଅ ବୋହୂଙ୍କ ସେବାରୁ ବଞ୍ଚିତ ଯୋଗୁ ସେମାନେ ଭଡ଼ା ସେବିକାଙ୍କୁ ନିଯୁକ୍ତ କରୁଛନ୍ତି । କିଛି ଶାରୀରିକ ଅସୁସ୍ଥ ବ୍ୟକ୍ତିଙ୍କ ଠିକଣା ଜରାଶ୍ରମ ହୋଇଯାଇଛି । ଏହା ଯୋଗୁ ସେବା ଯୋଗାଣ ଓ ଜରାଶ୍ରମ ମଧ କିଛି ବ୍ୟକ୍ତିଙ୍କ ପାଇଁ ଆୟକାରୀ ବ୍ୟବସାୟ ହୋଇ ଯାଇଛି । ଏଥିପାଇଁ ରାଜ୍ୟ ଓ ବିଦେଶୀ ସହାୟତା ମିଳୁଥିବା ଜଣାଯାଏ । ଏବେ ସରକାର ପ୍ରତ୍ୟେକ ବ୍ଲକରେ ବୃଦ୍ଧାଶ୍ରମ ଖୋଲିବାକୁ ନିଷ୍ପତ୍ତି ନେଇଥିବାର ଖବର ପ୍ରକାଶ ପାଇଛି । ଏଠାରେ ପ୍ରଶ୍ନ ଆସେ ଯେ ବୃଦ୍ଧାଶ୍ରମ କାହିଁକି ଓ କାହାପାଇଁ ? ଆମ ପୁରାଣ ବା ଧର୍ମଶାସ୍ତ୍ରରେ ଜରାଶ୍ରମର ସୂଚନା ନାହିଁ । ଦେଶ ସ୍ୱାଧୀନତାର ୭୫ବର୍ଷ ପାଳନ କରୁଥିବା ବେଳେ ଆମର ସଂସ୍କୃତିସମ୍ପନ୍ନ ରାଜ୍ୟରେ ପରମ୍ପରା ପରିବର୍ତ୍ତେ ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇ ଜରାଶ୍ରମ ବ୍ୟବସ୍ଥା ଅନେକ ବୟସ୍କଙ୍କୁ ସେମାନଙ୍କ ପରିବାରରୁ ନିଶ୍ଚିତ ଦୂରେଇ ଦେବ ଏବଂ ଆଧୁନିକତାକୁ ଆଦରି ଗୁରୁଜନଙ୍କ ସେବା ପ୍ରତି ବିମୁଖ ହେଉଥିବା ପୁଅ ବୋହୂଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ । ଆମର ଲୋକ ଚରିତ୍ର ଏତେ କଳୁଷିତ ଯେ ଏହି ବ୍ୟବସ୍ଥା ପାରିବାରିକ କଳହ, ବୟସ୍କ ବ୍ୟକ୍ତିଙ୍କୁ ଉଦ୍ଦେଶ୍ୟମୂଳକ ଅବହେଳା ଓ ନିର୍ଯାତନାର କାରଣ ହେବ । ଏହା ମଧ ସରକାରଙ୍କ ନିଜ ନିୟମର ପରିପନ୍ଥୀ ହେବ । କାରଣ ଆମ ରାଜ୍ୟରେ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଚଳଣି ଓ କଲ୍ୟାଣ ନିୟମ ୨୦୦୯ ବଳବତ୍ତର ରହିଛି । ବରଂ ସେଇ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରାଯାଇ ଅବହେଳା କରୁଥିବା ରୋଜଗାରକ୍ଷମ ପୁଅମାନଙ୍କୁ ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ ଅନେକ ବୃଦ୍ଧାବୃଦ୍ଧଙ୍କୁ ସନ୍ତୁଷ୍ଟ କରାଇବ । ସରକାର ଏହା ପରିବର୍ତ୍ତେ ବାର୍ଦ୍ଧକ୍ୟକୁ ରାଜନୈତିକ ଅସ୍ତ୍ରକରି ସେମାନଙ୍କ ପାଇଁ ଯେଉଁ ଭତ୍ତା ବ୍ୟବସ୍ଥା କରିଛନ୍ତି ତାହା ଅନେକଙ୍କ ପାଇଁ ନିର୍ଦ୍ଦିଷ୍ଟ ଆୟ ହୋଇଥିବା ବେଳେ ପ୍ରକୃତ ନିରାଶ୍ରୟମାନଙ୍କ ଲାଗି ପର୍ଯ୍ୟାପ୍ତ ହେଉନାହିଁ । ସରକାର ବୃଦ୍ଧାଶ୍ରମ ଖୋଲିବା ପରିବର୍ତ୍ତେ ଯୌଥ ପରିବାର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କଲେ ସମାଜରେ ବୃଦ୍ଧାବୃଦ୍ଧମାନେ ଅବହେଳିତ ହେବେ ନାହିଁ । ବରଂ ଏହା ଭବିଷ୍ୟତ ପାଇଁ ଉଦାହରଣ ହୋଇଯିବ ।

## 'ମନୁଷ୍ୟ ଜୀବନ' ଏକ... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ସେହିପରି ମଣିଷରୂପୀ ରାଜଦୂତ ଧରିତ୍ରୀରେ ବସି ଈଶ୍ୱରଙ୍କ ପ୍ରତିନିଧିତ୍ୱ, ଦିବ୍ୟତାର ପ୍ରତିନିଧିତ୍ୱ, ମହାନତାର ପ୍ରତିନିଧିତ୍ୱ କରିଥାଏ । ଏଠାରେ ରହିଥିବା ପ୍ରତ୍ୟେକ ମଣିଷ ଭଗବାନଙ୍କ ପ୍ରତିନିଧି ଓ ସମସ୍ତଙ୍କଠାରେ ସେହିପରି ସମ୍ଭାବନା ବିଦ୍ୟମାନ, ଯାହା ମାଧମରେ ଈଶ୍ୱର ସୃଷ୍ଟିର ସନ୍ତୁଳନକୁ, ସୌନ୍ଦର୍ଯ୍ୟକୁ ସୁରକ୍ଷିତ ରଖିଥାନ୍ତି । ସେହି ସମ୍ଭାବନାକୁ, ସୌନ୍ଦର୍ଯ୍ୟକୁ, ଐଶ୍ୱର୍ଯ୍ୟକୁ ସୁରକ୍ଷିତ ରଖିବା ପାଇଁ ମଣିଷକୁ ନିଜ ଭିତରେ ବିଦ୍ୟମାନ ଈଶିତ୍ୱକୁ, ଈଶ୍ୱରଙ୍କ ଅଂଶକୁ, ତାଙ୍କ ବିଦ୍ୟମାନତାକୁ ଚିହ୍ନିବା ଓ ବୋଧ କରିବାକୁ ହେବ ।



# ସର୍ବସାଧାରଣ ଅନୁଷ୍ଠାନ

## ମହାତ୍ମା ଗାନ୍ଧୀ

ଏହା ମୋ'ର ଦୃଢ଼ ବିଶ୍ୱାସ ଯେ, କୌଣସି ଯୋଗ୍ୟ ଅନୁଷ୍ଠାନ ସମର୍ଥନର ଅଭାବରେ ବନ୍ଦ ହୋଇଯିବ ନାହିଁ । ଯେଉଁସବୁ ଅନୁଷ୍ଠାନ ବନ୍ଦ ହୋଇ ଯାଇଛନ୍ତି, ସର୍ବସାଧାରଣଙ୍କର ସ୍ୱୀକୃତି ଲାଭ କରିବା ଭଳି ହୁଏତ ସେମାନଙ୍କ ଭିତରେ କିଛି ନ ଥିଲା ବୋଲି ସେଗୁଡ଼ିକର ଅସ୍ତିତ୍ୱ ଲୋପ ପାଇଛି ଅଥବା ତାହାର ନିୟନ୍ତ୍ରଣରେ ରହିଥିବା ବ୍ୟକ୍ତିମାନେ ବିଶ୍ୱାସ ହରାଇ ବସିବାରୁ କିମ୍ବା ସାମର୍ଥ୍ୟ ହରାଇ ବସିବାରୁ ହିଁ ତାହା ହୋଇଛି । ସମ୍ଭବତଃ ଦୁଇଟିଯାକ ସେହି ଗୋଟିଏ କଥାକୁ ବୁଝାଉଛି । ତେଣୁ, ଏହିଭଳି ଅନୁଷ୍ଠାନଗୁଡ଼ିକର ପରିଚାଳକମାନଙ୍କୁ ମୁଁ ନିବେଦନ କରି କହିବି ଯେ, ସେମାନେ ଏହି ସାଧାରଣ ମାନ୍ଦା ଅବସ୍ଥାଟିର କାରଣରୁ କଦାପି ହାତରୁ ଲଗାମ ଛାଡ଼ିଦେବେ ନାହିଁ । ଯୋଗ୍ୟ ଅନୁଷ୍ଠାନଗୁଡ଼ିକ ଲାଗି ଏହାକୁ ପରୀକ୍ଷାର ଏକ ସମୟ ବୋଲି କୁହାଯିବ ।

ମୁଁ ଏକଥା ଏକାଧିକବାର କହି ଆସିଛି ଯେ, ଭାବନାର କୌଣସି ମାର୍ଗ ଯଥାର୍ଥ ବିଚାରର ଅଧିକାରକୁ ନିଜର ଏକଚାଟିଆ ବୋଲି ଦାବି କରି ପାରିବ ନାହିଁ । ଆମେ ସମସ୍ତେ ନାନା ଭୁଲ୍ କରିପାରିବା ଏବଂ ଅନେକ ସମୟରେ ନିଜର ବିଚାରଗୁଡ଼ିକୁ ସଂଶୋଧନ କରିବାକୁ ମଧ ବାଧ ହେଉଥିବା । ଆମ ଦେଶ ପରି ଗୋଟିଏ ଏଡ଼େବଡ଼ ଦେଶରେ ଯାବତୀୟ ସାଧୁ ବିଚାରର ଅଭିବ୍ୟକ୍ତି ଲାଗି ଅବଶ୍ୟ ଅବକାଶ ରହିବ । ତେଣୁ, ଆମ ନିଜ ପ୍ରତି ତଥା ଅନ୍ୟ ମାନଙ୍କ ପ୍ରତି ଆମର ଏତିକି ସର୍ବନିମ୍ନ କର୍ତ୍ତବ୍ୟ ହୋଇ ରହିବ ଯେ, ଆମେ ସର୍ବଦା ପ୍ରତିପକ୍ଷର ମତଟିକୁ ବୁଝିବାକୁ ଚେଷ୍ଟା କରିବା ଏବଂ, ସେଇଟିକୁ ଗ୍ରହଣ କରିପାରୁ ନଥିଲେ ମଧ, ସେ ଆମ ମତଟିକୁ ଯେପରି ସମ୍ମାନର ଚକ୍ଷୁରେ ଦେଖୁ ବୋଲି ଆମେ ଆଶା କରୁଛୁ, ଆମେ ବି ତାହାର ସେହି ମତଟିକୁ ସମ୍ମାନର ଚକ୍ଷୁରେ ଦେଖୁ । ଏହାକୁ ହିଁ ଏକ ସୁସ୍ଥ ସାଧାରଣ ଜୀବନ ଲାଗି ଗୋଟିଏ ଅପରିହାର୍ଯ୍ୟ କଷଟିପଥର ବୋଲି କୁହାଯିବ ଓ ଏହା ହିଁ ଆମକୁ ସ୍ୱରାଜ୍ୟ ଲାଗି ଉପଯୁକ୍ତ କରିନେଇ ପାରିବ ।

ଯଦି ଆମଠାରେ ଉଦାରତା ନ ଥାଏ, ସହନଶୀଳତା ନଥାଏ, ତେବେ ଆମେ କଦାପି ଆପୋଷ ସଦ୍‌ଭାବ ସହିତ ଆମର ପାର୍ଥକ୍ୟ ଗୁଡ଼ିକର ମୀମାଂସା କରିପାରିବା ନାହିଁ ଏବଂ ତେଣୁ ସର୍ବଦା ଏକ ତୃତୀୟ ପକ୍ଷର, ଅର୍ଥାତ୍ ବିଦେଶୀ ଆଧିପତ୍ୟର ମଧ୍ୟସ୍ଥତା ଲୋଡ଼ିବାକୁ ବାହାରିଯିବା ।

ମୁଁ ନିର୍ଦ୍ଦିଷ୍ଟଭାବରେ ମତ ଦେବି ଯେ, ଜଣେ ସର୍ବସାଧାରଣ କର୍ମୀ କେବେହେଲେ ଉପହାର ରୂପେ କୌଣସି ବହୁମୂଲ୍ୟ ପଦାର୍ଥକୁ ଗ୍ରହଣ କରିବ ନାହିଁ ।

ଶାସନ ସଂସ୍ଥାଗତ କଳ ଭିତରେ ଗୋଟିଏ ଏକକରୂପେ ଜଣେ ସାଧାରଣ କର୍ମକର୍ତ୍ତା ଦକ୍ଷତା ସହିତ କାର୍ଯ୍ୟ କରୁଥିବା ପର୍ଯ୍ୟନ୍ତ ତାଙ୍କର ଚରିତ୍ର ବିଷୟରେ ଆଖି ବୁଜିଦେବାଟା ଆଧୁନିକ ସାଧାରଣ ଜୀବନର ଏକ ପ୍ରବୃତ୍ତି ପରି ହୋଇ ରହିଲାଣି । ପ୍ରତ୍ୟେକ ବ୍ୟକ୍ତିର ଚରିତ୍ର ତା'ର ନିଜର ଏକ ବ୍ୟକ୍ତିଗତ ବ୍ୟାପାର ବୋଲି କୁହା ମଧ ଯାଉଛି । ଅନେକ ସମୟରେ ଅନେକ ବ୍ୟକ୍ତି ଏହି ଦୃଷ୍ଟିକୋଣଟିକୁ ପୋଷଣ କରୁଥିବାର ମୋତେ ଜଣାଥିଲେ ମଧ ମୁଁ ସେଇଟିକୁ ମୋଟେ ପସନ୍ଦ କରିପାରି ନାହିଁ, ଗ୍ରହଣ କରିବା ତ ଆହୁରି ଅଧିକ ଦୂରର କଥା । ଯେଉଁସବୁ ସଂସ୍ଥା ବ୍ୟକ୍ତିଗତ ଚରିତ୍ରକୁ ଆଦୌ କୌଣସି ମହତ୍ତ୍ୱର ବୋଲି ଭାବିନାହାନ୍ତି, ସେମାନେ ସେହି କାରଣରୁ ଯେଉଁ ଗମ୍ଭୀର ପରିଣାମମାନ ଭୋଗ କରିଛନ୍ତି, ମୁଁ ସେଗୁଡ଼ିକୁ ମଧ ଜାଣିଛି । ବନ୍ଧୁମାନଙ୍କର ମେଳରେ ମୁଁ ଅନେକ ସମୟରେ ଏପରି ଏକ ମତ ବ୍ୟକ୍ତ କରି ଆସିଛି ଯେ, ଅନାସକ୍ତ ହୋଇ ରହିବାର ସାମର୍ଥ୍ୟ କ୍ଷେତ୍ରରେ ଇଂରେଜମାନେ ଆମଠାରୁ ବହୁତ ଆଗରେ ରହିଛନ୍ତି । ଜାତୀୟ ବ୍ୟାପାରଗୁଡ଼ିକ ଯେତେ ମହତ୍ତ୍ୱପୂର୍ଣ୍ଣ ହୋଇଥାଉ ପଛକେ, ସେମାନେ ଆହାରର ସମୟ ଓ ମନୋରଞ୍ଜନର ସମୟକୁ ସର୍ବଦା ମାନନ୍ତି । ବିପଦ ଅଥବା କୌଣସି ଆସନ୍ନ ବିପର୍ଯ୍ୟୟ ସମ୍ମୁଖରେ ସେମାନେ ଆଦୌ କାତର ହୋଇ ପଡ଼ନ୍ତି ନାହିଁ । ଏହାକୁ ଗୀତାର ଅନ୍ତର୍ଭାବନାଟି ଅନୁସାରେ କାର୍ଯ୍ୟ କରିବା ବୋଲି କୁହାଯାଇ ପାରିବ । ଭାରତବର୍ଷର ରାଜନୀତିକ କର୍ମୀମାନଙ୍କ ମଧରେ ଖୁବ୍ କମ୍ ସଂଖ୍ୟକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଜଣେ ଇଂରେଜର ମାନସ୍ତରଟିରେ ଯାଇ ପହଞ୍ଚି ପାରିଛନ୍ତି ।

ଯଦି ନେତା ଓ କର୍ମୀମାନେ କଠୋରଭାବରେ ସମୟାନୁବର୍ତ୍ତୀ ହୋଇ ପାରନ୍ତେ, ତେବେ ଜାତୀୟ ଆଦର୍ଶ ଲାଗି ତାହା ସ୍ପଷ୍ଟତଃ ଏକ ବଡ଼ ଲାଭ ହୋଇପାରନ୍ତା । ଜଣେ ବ୍ୟକ୍ତି ପ୍ରକୃତରେ ଯେତିକି କରି ପାରିବ, ତାହାଠାରୁ ସେ ଅଧିକ କରୁ ବୋଲି କେହି କଦାପି ପ୍ରତ୍ୟାଶା କରିବ ନାହିଁ । ଯଦି ଦିନ ଶେଷରେ ଆହୁରି କାମ ବାକି ରହି ଯାଇଥିବ ଅଥବା ନିଜର ଖାଇ ବା ନ ଖାଇ କିମ୍ବା ଶୋଇବା ଅଥବା ମନୋରଞ୍ଜନ କରିବାର ସମୟରୁ ନକାଟି ଯଦି ସେ କଦାପି ସେହି କାମଗୁଡ଼ିକୁ କରି ପାରୁ ନଥିବ, ତେବେ କେଉଁଠି ନା କେଉଁଠି ଅବ୍ୟବସ୍ଥା ରହିଯାଇଛି ବୋଲି ଜାଣିବାକୁ ହେବ । ମୋ'ମନରେ କୌଣସି ସନ୍ଦେହ ନାହିଁ ଯେ, ଯଦି ଆମେ ସମୟାନୁବର୍ତ୍ତିତାର ଅଭ୍ୟାସଟିର ଅନୁଶୀଳନ କରିବା ଓ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସବୁକିଛି କରିବା, ତେବେ ଜାତୀୟ ଦକ୍ଷତାର ମାନ ଅବଶ୍ୟ ବୃଦ୍ଧି ପାଇବ, ଆମେ ଅଧିକ ବେଗରେ ଆମ ଲକ୍ଷ୍ୟ ଦିଗରେ ଅଗ୍ରସର ହୋଇ ପାରିବୁ ଏବଂ କର୍ମୀମାନେ ମଧ ଅଧିକ ସ୍ୱାସ୍ଥ୍ୟବାନ୍ ହେବେ ଓ ଅଧିକ ଦିନ ବଞ୍ଚି ପାରିବେ ।

# ନୈସର୍ଗିକ ଅଭ୍ୟୁଦୟର କ୍ରମ ଯଥାବତ୍ ରହିଲେ ହିଁ ଭଲ

ଜୀବନର ଅଭ୍ୟୁଦୟ କ୍ରମରେ ଏକ ଜୀବ ଅନ୍ୟରେ ରୂପାନ୍ତରିତ ହୋଇଚାଲେ ପୂର୍ଣ୍ଣତା ପ୍ରାପ୍ତିପାଏ, ମାନବ ଶରୀର ଗ୍ରହଣ କରିବା ଯାଏ, କାରଣ ଜୀବର ପୂର୍ଣ୍ଣତା ରହିଛି ମାନବତ୍ୱରେ । ମନ ଓ ଶରୀରରେ ମାନବ ସଦୃଶ ପାତ୍ରତାର ସମାନ୍ତର ପ୍ରକୃତିରେ ଅନ୍ୟ କୌଣସି ଜୀବଠାରେ ଦେଖାଯାଏ ନାହିଁ । ମାନବ ଜ୍ଞାନର ଭଣ୍ଡାର । ପ୍ରକୃତିର ପରିଧି ଭିତରେ ନିଜ ଜ୍ଞାନର କୋଷକୁ ଅଦ୍ଭୁତ ଭାବରେ ବଢ଼ାଇ ଚାଲିଛି ସେ । ପ୍ରତିଟି ବିଷୟରେ ତା'ର ପ୍ରବୀଣତା ବଢ଼ିଛି, ଅଧିକାର ମଧ । ଇନ୍ଦ୍ରିୟଲବ୍ଧ ଜ୍ଞାନର ବିକାଶ କରିଛି । ଦୂରଦର୍ଶନ, କ୍ଷୁଦ୍ରାତିକ୍ଷୁଦ୍ରର ଦର୍ଶନ, ଶରୀରର ଅନ୍ତଃପ୍ରଦେଶ ଦର୍ଶନାଦି ଏହାର ଅନ୍ତର୍ଗତ । କିନ୍ତୁ ଏତେ ଅଶେଷ ଜ୍ଞାନସତ୍ତ୍ୱେ ମଧ ସେ ନିଜର ଦୁଃଖ ଓ ବିଷାଦକୁ ଦୂର କରିପାରିନାହିଁ, ଅଧିକନ୍ତୁ ବଢ଼ାଇଛି । ବୌଦ୍ଧିକ ବିକାଶ, ତା' ଜୀବନ ସମସ୍ୟାର ସମାଧାନ ଦିଗରେ କିଛି ସାହାଯ୍ୟ କରିନାହିଁ । ଜୀବନ ମରଣର ରହସ୍ୟ ସେ ବୁଝି ପାରିନାହିଁ । ଯୋଗ ଏଇ କ୍ଷେତ୍ରରେ ପ୍ରବେଶକରି ମାନବ ଜୀବନକୁ ପୂର୍ଣ୍ଣତା ଆଡ଼କୁ ନେଇପାରିଛି । ଯୋଗାଭ୍ୟାସ ବଳରେ ଅତିଚେତନ ବା ତୃତୀୟ ନେତ୍ର ବିକଶିତ କରିହେବ । ଏହା ନା କପୋଳ କଳ୍ପନା, ନା ଭାବାବେଗ, ନା ଆକସ୍ମିକ ଘଟଣାକ୍ରମ । ଏହାଦ୍ୱାରା ଶୁଦ୍ଧ ଭାବରେ, ସୁସଂଯତ, ଶୃଙ୍ଖଳିତ ଓ ନିର୍ଦ୍ଦିଷ୍ଟ ରୀତିରେ ଆଧାତ୍ମିକ ତୃତୀୟ ନେତ୍ର ବା ପ୍ରଖରପ୍ରଜ୍ଞା ବିକଶିତ କରିହେବ । ଏଭଳି ଦିବ୍ୟ ଆଲୋକ ପ୍ରାପ୍ତକରି ମାନବ ତା'ର ଜୀବ ଅଭ୍ୟୁଦୟ କ୍ରମକୁ ପୂର୍ଣ୍ଣ କରିବାରେ ସଫଳ ହୋଇପାରିବ । ଅଧାତ୍ମ କ୍ଷେତ୍ରରେ ଆତ୍ମସ୍ଥିତିରେ ପ୍ରତିଷ୍ଠିତ ହୋଇ, ସାଧକ ନିଜର ଆକାଂକ୍ଷାକୁ ବିଶ୍ୱାକାଂକ୍ଷାରେ ସମର୍ପଣ, ବିସର୍ଜନ ଓ ବିଲୟକରି ତଦନୁରୂପ ହୋଇ ପାରିବ । ଏହାକୁ ଦୈବୀ ଅନୁଗ୍ରହ କୁହାଯାଇ ପାରିବ । ଯେତେବେଳେ ଏହି ସ୍ଥିତି ଆସିଯାଏ, ପ୍ରାପ୍ତିରେ ପୂର୍ଣ୍ଣତା ଆସେ । ଭଗବତ୍‌ସତ୍ତା, ବିରାଟ ବିଶ୍ୱ, ବିଶ୍ୱାତ୍ମା, ପରମାତ୍ମା ବିବିଧ ଚେତନା ସ୍ତରରେ ପ୍ରକଟିତ ହୁଅନ୍ତି । ଭୌତିକ ବୌଦ୍ଧିକ ସ୍ତରରେ ଦୃଶ୍ୟମାନ ଅବତାରାଦି ରୂପରେ, ପାରଲୌକିକ ସ୍ତରରେ ଈଶ୍ୱର ଦେବତାଦି ରୂପରେ ଭାବ ସମାଧିରେ, ଦିବ୍ୟଚକ୍ଷୁ ସ୍ତରରେ ବିଭୁତତ୍ତ୍ୱରେ, ନିର୍ବିକଳ୍ପ ସମାଧି ବା ଅନ୍ତଃସ୍ଫୁରଣା, ଅନୁଭବାତୀତ ପରମ ପ୍ରକାଶ ସତ୍ୟ ରୂପରେ ଉଦ୍ଭାସିତ ହୋଇଥାଏ । ଏଭଳି ପରମସତ୍ତାର ସାନ୍ନିଧ ପ୍ରାପ୍ତକରି ଜୀବାତ୍ମା ପରମାତ୍ମାରେ ଲୀନ ହୋଇଯାଏ । ଏହି କ୍ରମରେ ଭଗବତ୍ ପ୍ରାପ୍ତି ସମ୍ଭବ ହୋଇଥାଏ । ବ୍ୟକ୍ତି ଦିବ୍ୟଚକ୍ଷୁ, ଈଶ୍ୱରୀୟ ଦୃଷ୍ଟି ପାଇ ଧନ୍ୟ ହୋଇଥାଏ । ଏହି ଦିବ୍ୟଦୃଷ୍ଟି ମାନବକୁ ସମସ୍ତ କର୍ମ-ଜଞ୍ଜାଳରୁ ମୁକ୍ତ କରିଦିଏ । ସେ ହୋଇଯାଏ ମୁକ୍ତଆତ୍ମା । ତା'ର ଜ୍ଞାନୋଦୟ ହୋଇଥାଏ ଓ ସେ ଈଶ୍ୱରଙ୍କ ଆଜ୍ଞାର କାରଣହୋଇ ଜୀବନର ସମସ୍ତ ସମସ୍ୟାର ସାମଗ୍ରିକ ସମାଧାନସହ କର୍ତ୍ତବ୍ୟ ପୂରଣ ପୂର୍ବକ କର୍ମବନ୍ଧନରୁ ମୁକ୍ତ ହୋଇଯାଏ । ଏଭଳି କର୍ମବନ୍ଧନରୁ ମୁକ୍ତି ହିଁ ମୋକ୍ଷ, ନିର୍ବାଣ, ବ୍ରହ୍ମଲୀନ, ବ୍ରହ୍ମସ୍ୱରୂପ ।

ଜ୍ଞାନୀଜନ ଭକ୍ତିକୁ ଜ୍ଞାନାଞ୍ଜନ କହିଥାନ୍ତି । ଥରେ ଶ୍ରୀରାଧା ତାଙ୍କ ଗୋପସଙ୍ଗିନୀଙ୍କୁ କହିଲେ–ଆଖି ଖୋଲିଲେ ସେ ଶ୍ରୀକୃଷ୍ଣଙ୍କୁ ଦେଖନ୍ତି । ସଙ୍ଗିନୀମାନେ କହିଲେ – ତମେ ତ ତୁମ ଆଖିରେ କୃଷ୍ଣରୂପୀ ଦିବ୍ୟ ଅଞ୍ଜନ ଲଗାଇ ରଖିଛ, ତେଣୁ ପ୍ରିୟ କାହ୍ନାଙ୍କୁ ଏଭଳି ଭାବରେ ଦେଖି ପାରୁଛ ।

ତାତ୍ପର୍ଯ୍ୟ ହେଲା - ଦିବ୍ୟଜ୍ଞାନ ପ୍ରାପ୍ତକରି ଈଶ୍ୱର ଦର୍ଶନ କେହି ବି ପ୍ରାପ୍ତ କରିପାରିବ । ବିକାଶ କ୍ରମର ଅର୍ଥ ବିକାଶ ହେବା କଥା, ପତନ ନୁହେଁ । ସ୍ରଷ୍ଟା ପ୍ରାଣୀ ଜଗତକୁ ବିକାଶ କ୍ରମରେ ଛାଡ଼ି ଦ୍ରଷ୍ଟାହୋଇ ଦେଖୁଛନ୍ତି । ପ୍ରାଣୀ ବିଭିନ୍ନ ଯୋନିରେ ଜନ୍ମ ଗ୍ରହଣ କରି ଉତ୍ତରୋତ୍ତର ବିକାଶ ଦିଗରେ ବଢ଼ିଚାଲେ, ଏହା ପ୍ରାକୃତିକ ନିମୟ ଓ ଏହି ନିୟମ ପ୍ରକୃତି ନିଜ ହିସାବରେ ନିରନ୍ତର ନିର୍ବାହ କରୁଛି । ଏହି ନିୟମରେ ରହି ପ୍ରାଣୀ ଅଦ୍ୟାବଧି କଳ୍ପନାତୀତ ବିକାଶ କରିଛି ଏବଂ ଆଗକୁ ଜ୍ଞାନାନୁଭବ ଅର୍ଜିତ କରି ଅଗ୍ରଗତି ଓ ଉନ୍ନତି ହିଁ କରିବା କଥା ।

ପ୍ରାଣୀ ମଣିଷ ଯୋନି ପ୍ରାପ୍ତ କରିବାଯାଏ ନୈସର୍ଗିକ ନିୟମ ସୂତ୍ରରେ ବନ୍ଧାହୋଇ ଆସିଛି ଓ ଦୁଃଖ ଏହା ଯେ, ଆଜି ବିକାଶର ଶିଖର ଆଡ଼କୁ ଚଢ଼ୁଥିବା ବେଳେ ସେ ପତନ ଦିଗରେ ଗତି କରୁଛି । ନିଜ ଅର୍ଜିତ ବୌଦ୍ଧିକାଦି ସାମର୍ଥ୍ୟର ଦୁରୁପଯୋଗ କରି ନିଜର ହିଁ ସର୍ବନାଶକୁ ଆମନ୍ତ୍ରିତ କରୁଛି । ଏହି ଦୃଷ୍ଟିକୋଣ ବଦଳିବା ଦରକାର, ଅନ୍ୟଥା ଅନର୍ଥ ହିଁ ହେବ ।

# ସ୍ୱର୍ବେଦ

**ଜାଗ୍ରିତ ହୈଁ ଅସ୍ଥୁଲ ମେଁ, ସ୍ୱପ୍ନ ହୈ**
**ସୁକ୍ଷମ ମାହିଁ ।**
**କାରଣ ଦେହ ସୁଷୋପ୍ତି ହୈ, ରୂପ**
**ତୀନ ତିନ ମାହିଁ ॥୪୪॥**

ଭାଷ୍ୟ - ଜାଗ୍ରତ ଅବସ୍ଥା ସ୍ଥୁଳରେ ଆଉ ସ୍ୱପ୍ନ ଅବସ୍ଥା ସୂକ୍ଷ୍ମରେ ଏବଂ ସୁଷୁପ୍ତି ଅବସ୍ଥା କାରଣରେ - ଏ ତିନୋଟି ଅବସ୍ଥା ତିନି ଦେହରେ ମିଳେଇ ଯାଇଥାନ୍ତି ।

**ମହ କାରଣ ତୁରିୟା ରହେ,**
**କେୱଲ ତୁରିୟାତୀତ ।**
**ହଁସ ଦେହ ମେଁ ଆପ୍ତ ହୈଁ,**
**ଅନୁଭୱ ଶବ୍ଦ ପ୍ରତୀତ ॥୪୫॥**

ଭାଷ୍ୟ - ତୁରିୟ ଅବସ୍ଥାରେ ମହାକାରଣ, ତୁରିୟାତୀତ ଅବସ୍ଥାରେ କୈବଲ୍ୟ ଦେହ ଆଉ ଆପ୍ତ ଅବସ୍ଥାରେ ହଂସ ଦେହର ପ୍ରାପ୍ତି ହୋଇଯାଏ । ଶବ୍ଦ ପରମ ପ୍ରକାଶର ଆପ୍ତ ଅବସ୍ଥା ଅଟେ । ହଂସ ଶରୀର ଆତ୍ମାର ଶୁଦ୍ଧ ଚେତନ ଅବସ୍ଥାର ଶରୀର ଅଟେ ।

**ଦୋ ପ୍ରକାର କେ କରଣ ହୈଁ,**
**ଜଡ଼ ଚେତନ ଦୋ ମାନ ।**
**ଜଡ଼ ଜଗ ଚେତନ ରୂପ ମେଁ,**
**ନିତ୍ୟକରଣ ଚିଦ ଜାନ ॥୪୬॥**

ଭାଷ୍ୟ - ଜଡ଼ ଚେତନ ଦୁଇ ପ୍ରକାରର କରଣ ହୋଇଥାନ୍ତି ; ପ୍ରଥମତଃ ଜଡ଼ ଏବଂ ଦ୍ୱିତୀୟତଃ ଚେତନ । ଆତ୍ମା ଜଡ଼ କରଣଗୁଡ଼ିକ ଦ୍ୱାରା ସଂସାର ପ୍ରକୃତିର କାର୍ଯ୍ୟ କରିଥାଏ ଆଉ ଚେତନ ନିତ୍ୟ କରଣଗୁଡ଼ିକ ଦ୍ୱାରା ଶୁଦ୍ଧ ଜ୍ଞାନ ଦ୍ୱାରା ପରଂବ୍ରହ୍ମଙ୍କର ପ୍ରାପ୍ତି କରି ସଚ୍ଚିଦାନନ୍ଦର ଉପଭୋଗ କରିଥାଏ ।

**ଜଗ ମେଁ ପ୍ରାକୃତ କରଣ ହୈ, ମୁଚ୍ଛ**
**କରଣ ନିତ ଜାନ ।**
**ଆତମ ଦୋ ୱିଧି କର୍ମ ହୈଁ, ଜ୍ଞାନ**
**ଔର ଅଜ୍ଞାନ ॥୪୭॥**

ଭାଷ୍ୟ - ଆତ୍ମାର ଦୁଇଟି କରଣ ରହିଥାନ୍ତି । ଗୋଟିଏ ଜଡ଼ କରଣ ହୋଇଥିବା ବେଳେ ଅନ୍ୟଟି ଚେତନ କରଣ । ଜଡ଼ କରଣଗୁଡ଼ିକ ଅଜ୍ଞାନ ଅବସ୍ଥାରେ ଜଡ଼ କର୍ମଗୁଡ଼ିକୁ ଉପଭୋଗ କରିଥାନ୍ତି ଏବଂ ଜ୍ଞାନ ଅବସ୍ଥାରେ ଚେତନ ନିତ୍ୟ କରଣଗୁଡ଼ିକରେ ମୁକ୍ତି ପରମାନନ୍ଦ ସୁଖକୁ ଉପଭୋଗ କରିଥାଏ ।

**ପର ପଶ୍ୟନ୍ତି ଅରୁ ମଧ୍ୟମା,**
**ବୈଖାରୀ ବାଣୀ ଚାର ।**
**ଦେୱ ସଦାଫଲ ପ୍ରକୃତି ମେଁ,**
**ୱାଚକ ୱାଚ୍ୟ ୱିଚାର ॥୪୮॥**


ଭାଷ୍ୟ - ପରା, ପଶ୍ୟନ୍ତି, ମଧ୍ୟମା ଏବଂ ବୈଖରୀ - ଏ ସମସ୍ତ ବାଣୀର ଚାରୋଟି ରୂପ ଅଟନ୍ତି । ବାଚକ ଆଉ ବାଚ୍ୟର ବିଧାନ ଏହି ବାଣୀମାନଙ୍କ ଦ୍ୱାରା ପ୍ରକୃତି ମଣ୍ଡଳରେ ହୋଇଥାଏ ।

**॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ,**
**ଅଷ୍ଟମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

**ନବମ ଅଧ୍ୟାୟ**

**ପରମ ପୁରୁଷ ଆଜ୍ଞା ଚଲୈ,**
**ଚାରୋ ଯୁଗ ସଂସାର ।**
ପ୍ରକଟ ଭେଦ ଉପଦେଶ ହୈ,
ଅଜ ସଦ୍‌ଗୁରୁ ତତ ସାର ॥୦୧॥

ଭାଷ୍ୟ - ପରମ ପୁରୁଷଙ୍କର




ଆଜ୍ଞା କ୍ରମେ ନିତ୍ୟ ଅନାଦି ସଦ୍‌ଗୁରୁ ଚାରି ଯୁଗରେ ପ୍ରକଟ ହୋଇ ବ୍ରହ୍ମବିଦ୍ୟାର ଉପଦେଶ ପ୍ରଦାନ କରୁଛନ୍ତି ।

**ଦୂତ ସନ୍ଦେଶୀ ପୁରୁଷ କା,**
**ସଦ୍‌ଗୁରୁ ଦେୱ ହମାର ।**
**ଇଚ୍ଛା ତନ ନିର୍ମିତ ଭୟା, ସହଜ**
**ସ୍ୱରୂପ ସୱାର ॥୦୨॥**

ଭାଷ୍ୟ - ପରମ ପୁରୁଷଙ୍କ ବାର୍ତ୍ତା ବହନକାରୀ, ମୋର ସଦ୍‌ଗୁରୁଦେବ ନିଜର ସହଜ ସ୍ୱରୂପରେ ଇଚ୍ଛାନୁକୂଳ ଶରୀର ନିର୍ମାଣ କରିଥାନ୍ତି ।

**ପ୍ରଲୟ ସୃଷ୍ଟି ମୁଚ୍ଛୀ ରହୈ, ସବ**
**ଦିନ ଏକ ସମାନ ।**
**କର୍ମ କୀଚ ମେଁ ନହିଁ ପଡ଼େ,**
**ହଁସନ ମୁଚ୍ଛି ନିଦାନ ॥୦୩॥**

ଭାଷ୍ୟ - ଆତ୍ମାକୁ ମୁକ୍ତି ପ୍ରଦାନ କରୁଥିବା ଅନାଦି ସଦ୍‌ଗୁରୁଦେବ ପ୍ରଳୟ, ସୃଷ୍ଟି ଏବଂ ମୁକ୍ତିରେ ସଦା ସମଭାବାପନ୍ନ ରହିଥାନ୍ତି । ସେ କର୍ମ ବନ୍ଧନରେ ପଡ଼ନ୍ତି ନାହିଁ । ସେ ସହଜ ମୁକ୍ତ ଶୁଦ୍ଧ-ବୁଦ୍ଧ ସ୍ୱରୂପ ଅଟନ୍ତି ।

**ଏକ ଗୁରୁ ତିନ ଲୋକ ମେଁ,**
**ପ୍ରକଟ ଗୁପ୍ତ ସଂସାର ।**
**କହିଁ ଆକାଶୱାଣୀ ଭନେଁ, କହିଁ**
**ଆତମ ଉରଧାର ॥୦୪॥**

ଭାଷ୍ୟ - ତିନି ଲୋକରେ ଏକମାତ୍ର ଗୁରୁ ହିଁ ଗୁପ୍ତ ଭାବରେ ପ୍ରକଟ ହୋଇ ସଂସାରରେ ବିଚରଣ କରନ୍ତି । କେଉଁଠି ଆକାଶବାଣୀ ଦ୍ୱାରା ଅଥବା କେଉଁଠି ଆତ୍ମା ଭିତରେ ନିଜର ଜ୍ଞାନପ୍ରକାଶ ଦେଇ ବ୍ରହ୍ମବିଦ୍ୟାର ସତ୍ ମାର୍ଗର ସଦୁପଦେଶ କରିଥାନ୍ତି ।

**ବୃତ୍ତିକଟୂ ଖାରୀ ପ୍ରକଟ, ଝୁଁସୀ**
**ପ୍ରକଟେ ଆୟ ।**
**ୟହ ପ୍ରତ୍ୟକ୍ଷ ପରମାଣ ହୈ,**
**ଚାରୋଁ ୟୁଗ ଜଗ ଆୟ ॥୦୫॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ଚାରି ଯୁଗରେ ପ୍ରକଟ ହୋଇ ବ୍ରହ୍ମବିଦ୍ୟା ତତ୍ତ୍ୱ ଜ୍ଞାନର ଉପଦେଶ କରିଥାନ୍ତି । ବୃତ୍ତିକଟୂ ଆଶ୍ରମ, ଖାରୀ ଗ୍ରାମ ତଥା ଝୁଁସୀ, ପ୍ରୟାଗରେ ପ୍ରକଟ ହୋଇଥିବାରୁ ଏହା ପ୍ରତ୍ୟକ୍ଷ ସିଦ୍ଧ ଅଟେ ।

**ହୀମାଲୟ ମମ ଭ୍ରମଣ ମେଁ,**
**ଲୀଲା କେଲି ଦିଖାୟ ।**
**ୟହ ପ୍ରତ୍ୟକ୍ଷ ପରମାଣ ହୈ, ଶ୍ରୁତି**
**ପ୍ରତିପାଦନ ଆୟ ॥୦୬॥**

ଭାଷ୍ୟ - ମୋର ସେହି ସଦ୍‌ଗୁରୁଦେବ ହିମାଳୟର ଭ୍ରମଣ କାଳରେ ନିଜର ଲୀଳା ଆଉ ଖେଳା ଦେଖାଇଛନ୍ତି । ଏହା ତାଙ୍କର ପ୍ରକଟ ହେବାର ପ୍ରତ୍ୟକ୍ଷ ପ୍ରମାଣ ଅଟେ ଓ ଚାରୋଟି ଯାକ ବେଦ ମଧ୍ୟ ସଦ୍‌ଗୁରୁଙ୍କର ସଂସାର ଆଗମନକୁ ସମର୍ଥନ କରିଥାନ୍ତି ।

**ମୋହ ନାଶ କର ଜ୍ଞାନ ସେ, ଜଡ଼**
**ତଜି ଚେତନ ଦେୟ ।**
**ତାପ କ୍ଷୀଣ ସୁଖ ଶାନ୍ତି ହୈ, ଜିୱ**
**ଆପନ କର ଲେୟ ॥୦୭॥**

ଭାଷ୍ୟ - ଗୁରୁଦେବ ନିଜର ଜ୍ଞାନ ବଳରେ ସମସ୍ତ ମୋହକୁ ନାଶକରି, ମାୟାରୁ ମୁକ୍ତି ପ୍ରଦାନ କରି, ଚେତନ ଜ୍ଞାନ ପ୍ରଦାନ କରିଥାନ୍ତି ଏବଂ ତ୍ରିବିଧ ତାପଗୁଡ଼ିକୁ ନାଶକରି ସୁଖ ଶାନ୍ତି ପ୍ରଦାନ ପୂର୍ବକ ଜୀବନକୁ ନିଜର କରି ନିଅନ୍ତି ।

**ମାୟା ଲୋକ ଛୋଡ଼ାୟ କର,**
**ଚେତନ ଲୋକ ନିୱାସ ।**
**ସଦ୍‌ଗୁରୁ ତାକୋ ଜାନିୟେ, ଭଚ୍ଛି**
**ମୁଚ୍ଛି ତେହି ପାସ ॥୦୮॥**

ଭାଷ୍ୟ - ଯିଏ ନିଜ ଜୀବନ ଭକ୍ତି ଦ୍ୱାରା ମାୟାଲୋକ ଛାଡ଼ି ଚେତନମଣ୍ଡଳର ପ୍ରାପ୍ତି କରାଇ ଜୀବକୁ ମୁକ୍ତ କରିଥାନ୍ତି, ତାଙ୍କୁ ସଦ୍‌ଗୁରୁ କୁହାଯାଏ ।

**ଗୁରୁଓଁ କା ଗୁରୁ ପୁରୁଷ ହୈ, ଅମିତ**
**ଜ୍ଞାନ ଜନ ଦେୟ ।**
**ଶ୍ରୁତ ଜ୍ଞାନ ସୋଇ ଜଗତ ମେଁ,**
**ଚାରୋଁ ୟୁଗ ଜନ ଲେୟ ॥୦୯॥**

ଭାଷ୍ୟ - ଅନନ୍ତ ଜ୍ଞାନର ପ୍ରଦାତା, ସର୍ବ ଗୁରୁମାନଙ୍କର ଗୁରୁ ପରମ ପୁରୁଷ ଅଟନ୍ତି । ଚାରି ଯୁଗରେ ତାଙ୍କର ଜ୍ଞାନଧାରା ଯୋଗୀମାନଙ୍କର ଆତ୍ମାରେ ପ୍ରକଟ ହୋଇ ସଂସାରରେ ପ୍ରକଟ ପ୍ରବାହିତ ହୋଇଥାଏ ।

**ଭେଦ ବୋଧ ତତ୍ତ୍ୱ ଜ୍ଞାନ ହୈ,**
**ବ୍ରହ୍ମନିଷ୍ଠ ଗୁରୁ ମାନ ।**
**ଆପ୍ତ ସତ୍ୟ ସିଦ୍ଧାନ୍ତ ହୈ, ଅନ୍ୟ**
**ଗୁରୁ ନହିଁ ଜାନ ॥୧୦॥**

ଭାଷ୍ୟ - ଶ୍ରୁତ ଜ୍ଞାନ ପ୍ରବାହୀ ବ୍ରହ୍ମନିଷ୍ଠ ସଦ୍‌ଗୁରୁ ହୋଇଥାନ୍ତି, ଯିଏ ଆଭ୍ୟନ୍ତର ଭେଦ ସାଧନ ରହସ୍ୟର ପୂର୍ଣ୍ଣ ଜ୍ଞାତା, ଅନୁଭବୀ ହୋଇଥାନ୍ତି । ସେହି ଆପ୍ତ ପୁରୁଷଙ୍କର ବଚନ ଶବ୍ଦ ପ୍ରମାଣ ଅଟେ ଏବଂ ସେ ହିଁ ଈଶ୍ୱରୀୟ ଧାରପ୍ରବାହୀ ସଦ୍‌ଗୁରୁ ଅଟନ୍ତି, ଅନ୍ୟ କୌଣସି ଗୁରୁ ନୁହେଁ ।

**ଅନୁଭବ ଜ୍ଞାନ ଆନନ୍ଦ ମେଁ, ସନୀ**
**ୱାକ ପରଭାୱ ।**
**ଜିଜ୍ଞାସୂ କେ ବୋଧ କା, କାରଣ**
**ହୋୟ ସ୍ୱଭାୱ ॥୧୧॥**

ଭାଷ୍ୟ - ବ୍ରହ୍ମବିଦ୍ୟା ଜ୍ଞାନ-ଆନନ୍ଦରେ ପୂର୍ଣ୍ଣ ବାଣୀ ପ୍ରଭାବଶାଳୀ ହୋଇଥାଏ, ଯାହା ଦ୍ୱାରା ଉତ୍ତମକୋଟିର ଜିଜ୍ଞାସୁମାନଙ୍କୁ ଶୀଘ୍ର ବୋଧ ଏବଂ ଶାନ୍ତି ପ୍ରାପ୍ତି ହୋଇଥାଏ ।

**ହୀରା ମଣି ମାଣିକ ସକଲ, ମୂଲ୍ୟ**
**ସବନ କା ହୋୟ ।**
**ସଦ୍‌ଗୁରୁ ୱଚନ ଅମୂଲ୍ୟ ହୈ,**
**ପରମ ପୁରୁଷ ମିଲ ସୋୟ ॥୧୨॥**

ଭାଷ୍ୟ - ହୀରା, ମଣି, ମାଣିକ୍ୟ ଆଦି ସମସ୍ତ ରତ୍ନମାନଙ୍କର ମୂଲ୍ୟ ଅଛି, କିନ୍ତୁ ସଦ୍‌ଗୁରୁ ବଚନ ଅମୂଲ୍ୟ ଅଟେ । ଯେଉଁ ବଚନକୁ ଗ୍ରହଣ କରି ନେବା ଦ୍ୱାରା ପରମ ପୁରୁଷଙ୍କ ପ୍ରାପ୍ତି ହେବା ସାଙ୍ଗକୁ ଜନ୍ମମରଣ ଦୁଃଖରୁ ମୁକ୍ତି ମିଳିଥାଏ ।

**ପରମେଶ୍ୱର ଜିୱ ସାଥ ହେ,**
**ଅମିତ କାଲ ଗୟ ବୀତ ।**
**ଜିୱ ତ୍ରିତାପ ଛୂଟା ନହିଁ, ବିନ**
**ସଦ୍‌ଗୁରୁ ମହଁ ପ୍ରୀତି ॥୧୩॥**

ଭାଷ୍ୟ - ଅନନ୍ତ କାଳରୁ ପରମେଶ୍ୱରଙ୍କର ସହିତ ଜୀବ ସଂଲଗ୍ନ ହୋଇ ରହିଛି । ଉଭୟଙ୍କର ନିତ୍ୟ ସମ୍ବନ୍ଧ ରହିଛି । କଦାପି ବିୟୋଗ ହୁଏ ନାହିଁ । ଏ ପ୍ରକାରେ ଅନେକ ଦିନ ଅତିକ୍ରାନ୍ତ ହେଲା କିନ୍ତୁ ଜୀବର ତ୍ରିବିଧ ଦୁଃଖ ଯାଇନାହିଁ । ସଦ୍‌ଗୁରୁଙ୍କର ପ୍ରେମ ବିନା କେବଳ ସଦ୍‌ଜ୍ଞାନରୁ ମହାପ୍ରଭୁଙ୍କର ପ୍ରାପ୍ତି ହୋଇ ନ ଥାଏ । ସଦ୍‌ଗୁରୁ ଦ୍ୱାରା ପରଂବ୍ରହ୍ମଙ୍କର ପ୍ରାପ୍ତି ହୋଇଥାଏ ।

କେଳ ବାଚକ ଜ୍ଞାନ ଅଥବା ପୁସ୍ତକ ଅଧ୍ୟୟନରୁ ନୁହେଁ, ନା କୌଣସି କର୍ମ, ଜପ ଓ ଅନୁଷ୍ଠାନ ଦ୍ୱାରା ହିଁ ସେହି ପ୍ରଭୁଙ୍କୁ ଲାଭ କରିହୁଏ । ପ୍ରଭୁପ୍ରାପ୍ତିର ଏକ ମାର୍ଗ ବ୍ରହ୍ମବିଦ୍ୟା, ସହଜ ଯୋଗ ଅଟେ ଯାହା ସଦ୍‌ଗୁରୁ ମିଳିବା ପରେ ପ୍ରାପ୍ତ ହୋଇଥାଏ । ସୁତରାଂ ସଦ୍‌ଗୁରୁଙ୍କର ଶରଣାଗତ ହୋଇ ବ୍ରହ୍ମବିଦ୍ୟାର ସନ୍ମାର୍ଗ ଦ୍ୱାରା ପ୍ରଭୁଙ୍କର ଉପାସନ କରି ଜୀବନ୍ମୁକ୍ତ ହୋଇ ପରମାନନ୍ଦର ଉପଭୋଗ କରନ୍ତୁ ।

# ଦେହ ପାଇଁ ହିତକାରୀ ହଳଦୀ

**ଅ**ନେକ ଶୁଭ କାମରେ ଉପଯୋଗ ହେଉଥିବା ହଳଦୀ ଆମ ଭାରତୀୟ ଖାଦ୍ୟପାନୀୟରେ ନିୟମିତ ଭାବେ ବ୍ୟବହାର କରାଯାଏ । ବିଭିନ୍ନ ଉପାୟରେ



ପ୍ରତିଦିନ ହଳଦୀ ଖାଇବା ଦେହ ପାଇଁ ଭଲ । ଆବଶ୍ୟକତାଠାରୁ ଅଧିକ ପରିମାଣରେ ହଳଦି ଖାଇଲେ ତ୍ୱଚା କୁଣ୍ଡାଇ ହେବା, ଲାଲ ହେବା ସମସ୍ୟା ଦେଖାଦିଏ । ଏଣୁ ନିୟମିତ ଭାବେ ୨୪୦-୫୦୦ ମିଲିଗ୍ରାମ୍ ହଳଦୀ ସେବନ କରିବା ଆମ ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଯକୃତ ରୋଗୀ ଡାକ୍ତରଙ୍କ ପରାମର୍ଶରେ ହଳଦୀ ଖାଇବା ଉଚିତ । ହଳଦୀ କାରଣରୁ ସେମାନଙ୍କ ସ୍ୱାସ୍ଥ୍ୟ ଅବନତି ହେବାର ଆଶଙ୍କା ବଢ଼ିଥାଏ । ଯକୃତ୍ ରୋଗୀ ହଳଦୀ ମିଶା ଖାଦ୍ୟ ଖାଇଲେ, ଭୋଜନ ପରେ ସେମାନଙ୍କ ମୁଣ୍ଡ ବିନ୍ଧା ହୁଏ । ଅଧିକ ହଳଦୀ ବ୍ୟବହାର ଏହା ପଛର ମୁଖ୍ୟ କାରଣ ବୋଲି ପରୀକ୍ଷାରୁ ଜଣାପଡ଼ିଛି । ମଧୁମେହ ରୋଗୀଙ୍କ ପାଇଁ ହଳଦୀ ଖୁବ୍ ଉପକାରୀ । ତେବେ ଧ୍ୟାନରେ ରଖନ୍ତୁ ଯେ ଆବଶ୍ୟକତାଠାରୁ ଅଧିକ ହଳଦୀ ସେବନ ଦ୍ୱାରା ସେମାନଙ୍କ ରକ୍ତଶର୍କରା ଖୁବ୍ କମ୍ ହେବାର ଭୟ ରହିଛି ।

# ସ୍ୱାସ୍ଥ୍ୟ ପାଇଁ ଭଲ ବାଜରା ରୁଟି



**ଆ**ୟୁର୍ବେଦ ଅନୁସାରେ ବାଜରା ରୁଟି, ଖେଚୁଡ଼ି, ହାଲୱା, ଧୋକଲା ଖାଇଲେ, ଶରୀରକୁ ଉଷ୍ମତା ମିଳେ ।

ବାଜରାରେ ପ୍ରଚୁର ପରିମାଣରେ ଲୌହ ଥିବାରୁ ତାହା ରକ୍ତରେ ହେମୋଗ୍ଲୋବିନ୍‌ର ମାତ୍ରା ବଢ଼ାଇଥାଏ । ଏନିମିୟା ରୋଗୀ ସପ୍ତାହକୁ ଥରେ କିମ୍ବା ଦୁଇଥର ବାଜରା ଖାଇଲେ ସେମାନଙ୍କ ଶରୀରକୁ ଧୀରେଧୀରେ ଶକ୍ତି ମିଳେ ।

ନିୟମିତ ଭାବେ ବାଜରା ଖାଇଲେ କୋଷ୍ଠକାଠିନ୍ୟ, ଅମ୍ଳ ଆଦି ସମସ୍ୟାରୁ ମଧ ମୁକ୍ତି ମିଳେ ବୋଲି ବିଶେଷଜ୍ଞ କହିଛନ୍ତି ।

ନିୟମିତ ବାଜରା ରୁଟି ଖାଇଲେ କର୍କଟ ହେବାର ଆଶଙ୍କା ବି କମିବ । ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍‌ରେ ଭରପୂର ବାଜରା ରୁଟି, ଖେଚୁଡ଼ି ଖାଇଲେ ରକ୍ତଚାପ ନିୟନ୍ତ୍ରଣରେ ରହିବ ଓ ହୃଦ୍‌ରୋଗରୁ ମଧ ରକ୍ଷା ମିଳେ ବୋଲି ପରୀକ୍ଷାରୁ ଜଣାପଡ଼ିଛି ।

ଅନ୍ୟପକ୍ଷରେ ବାଜରା ଖାଇବା ମଧୁମେହ ରୋଗୀଙ୍କ ନିମନ୍ତେ କୌଣସି ମହୌଷଧ୍ ଠାରୁ କମ୍ ନୁହେଁ । ଏଥିରେ ଥିବା ମ୍ୟାଗ୍ନେସିୟମ୍ ତତ୍ତ୍ୱ ଶରୀରରେ ଇନ୍‌ସୁଲିନ୍ ସ୍ତରକୁ ନିୟନ୍ତ୍ରଣ କରେ ।

## ଟିକିଏ ହସନ୍ତୁ

ପୁଅ ବାପାଙ୍କୁ: ମୋ ପାଇଁ ଗୋଟେ ବୁଲେଟ୍ କିଣିଦିଅ ।
ବାପା: ପାଠ ଶାଠ ନାହିଁ । ରୋଜଗାର ବୋଲି କିଛି ନାହିଁ ସେଇଥିରେ କହୁଛି ବୁଲେଟ୍ ଆଣିଦିଅ । ପଡିଶା ଘର ଝିଅକୁ ଦେଖ୍ ଭଲ ପାଠ ପଢ଼ି ଚାକିରି କରୁଛି । ତଥାପି ସବୁଦିନ କେମିତି ବସ୍‌ରେ ଯିବା ଆସିବା କରୁଛି । ତତେ ଟିକେ ଖରାପ ଲାଗୁନି ।
ପୁଅ: ଖରାପ ଲାଗୁଛି ବୋଲି ତ କହୁଛି ବୁଲେଟ୍ ଆଣିଦିଅ । ଆଣିଦେଲେ ସିନା ସେ ଝିଅକୁ ମୁଁ ସବୁଦିନ ଅଫିସ୍ ଛାଡି ଦିଅନ୍ତି ।

× × × × ×

ପରୀକ୍ଷା ହଲ୍‌ରେ ପପୁ ଚୁପ୍‌ଚାପ୍ ବସିଥାଏ ।
ଏହା ଦେଖି ଶିକ୍ଷକ: ଚୁପ୍‌ଚାପ୍ କାହିଁକି ବସିବୁ ?



**ପପୁ:** କିଛି ଆସୁନି ।
**ଶିକ୍ଷକ:** କିଛି ତ ଆସୁଥିବ ।
**ପପୁ:** ହଁ ।
**ଶିକ୍ଷକ:** କ'ଣ ?
**ପପୁ:** କାନ୍ଦ ।

× × × ×

ଥରେ ରାଜୁ ଏକ ଗଧ ଧରି ସ୍କୁଲକୁ ଚାଲି ଆସିଲା ।
**ଏହା ଦେଖି ଶିକ୍ଷକ :** ଇ ଏ କ'ଣ ଗଧଟେ ସ୍କୁଲକୁ କାହିଁକି ଆଣିଛୁ ?
**ରାଜୁ:** ଆପଣ ତ ସବୁବେଳେ କୁହନ୍ତି ଯେ, ଆପଣ ବଡ଼ ବଡ଼ ଗଧକୁ ମଣିଷ କରିଛନ୍ତି ।
ତେଣୁ ଭାବିଲି ଏଇ ଗଧ ଉପରେ ବି ଯଦି ଟିକେ କୃପା କରନ୍ତେ ଇଏ ବି ମଣିଷ ହୋଇ ଯାଆନ୍ତା ।

× × × × × ×

ଯୁବକ ଗର୍ଲଫ୍ରେଣ୍ଡକୁ ରାସ୍ତା ଉପରେ - ତୁମ ଆଖିରେ ମୁଁ ସାରା ଦୁନିଆ ଦେଖିପାରେ ।
ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଏହି କଥା ଶୁଣି ଯୁବକକୁ– ଭାଇ ସତରେ ତମେ ସାରା ଦୁନିଆ ଦେଖି ପାରୁଛି, ତା' ହେଲେ ପ୍ଲିଜ୍ ଟିକେ କୁହ ମୋ ଚୋରି ହୋଇ ଯାଇଥବା ବାଇକ୍ କୋଉଠି ଅଛି ।

× × × × ×

ତୃତୀୟ ଶ୍ରେଣୀର ପପୁ ମିସ୍‌ଙ୍କୁ- ମିସ୍ ଆପଣଙ୍କୁ ମୁଁ କେମିତି ଲାଗେ ?
**ମିସ୍:** ଭେରି ସୁଇଟ୍ ।
**ପପୁ:** ତା' ହେଲେ ମୁଁ ମୋ ବାପାମା'ଙ୍କୁ ଆପଣଙ୍କ ଘରକୁ କେବେ ପଠେଇବି ?
**ମିସ୍:** କାହିଁକି ?
**ପପୁ:** କଥା ଆଗକୁ ବଢେଇବା ପାଇଁ ।
**ମିସ:** କ'ଣ କହୁଚୁ ତୁ ? ମୁଣ୍ଡ ଖରାପ ହେଇଯାଇଛି ନା କ'ଣ ?
**ପପୁ:** ଟ୍ୟୁଶନ୍ ବିଷୟରେ କଥା ହେବାକୁ । ମିସ୍ ଆପଣ ବୋଧେ ଆଉ କିଛି ଭାବିଦେଲେ ।

× × × × × ×

ବାବାଙ୍କ ପାଖରେ ଯୁବକ: ମୋର ଚାକିରି ହେଉନି । ଯେଉଁଠି ହାତ ଦେଉଛି ସବୁ ବିଫଳ ହେଇଯାଉଛି । ଏମିତି କାହିଁକି ହଉଛି ?
**ବାବା (ଧ୍ୟାନ କରିବା ପରେ):** ମୁଁ ଦେଖି ପାରୁଛି ତୁମ ଉପରେ ଏକ ଡାହାଣୀର ଛାଇ ରହିଛି ।
**ଯୁବକ ରାଗିଯାଇ:** ଗୋଟେ ଶକ୍ତ ଚାପୁଡା ମାରିବି ଯଦି ତମେ ମୋ ଗର୍ଲଫ୍ରେଣ୍ଡ ବିଷୟରେ ଏମିତି କହିବ ।
ସେ ଡାହାଣୀ ହେଲେ ବି ମୋର ।

# ଗାଜରର ଉପକାରିତା

**ଗାଜର** ଭିଟାମିନରେ ଭରପୁର ଏକ ପରିବା । ସାଲାଡ୍ ହେଉ ବା ତରକାରୀ ଗାଜରର ଆଦର ରହିଛି । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗାଜର ନିୟମିତ ଖାଇବା ଦରକାର । ଏହାର ରସ ପିଇବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ । ପୁରୁଷର ଶୁକ୍ରାଣୁଜନିତ ସମସ୍ୟାକୁ ଏହା ଦୂର କରେ । ସେହିପରି ମହିଳାମାନଙ୍କ ମାସିକ ଧର୍ମରେ କୌଣସି ସମସ୍ୟା ଥିଲେ ଗାଜର ମଞ୍ଜି ସହିତ ଗୁଡ଼ ମିଶାଇ ଖାଇବା ଦ୍ୱାରା ଋତୁ ଅନିୟମିତତା ଦୂର ହୁଏ । ପାଚନ ସମ୍ବନ୍ଧୀୟ ସମସ୍ୟା ଥିଲେ ଦିନକୁ ଦୁଇଟି ଲାଲ୍ ଗାଜର ଖାଆନ୍ତୁ । ଗ୍ୟାସଟ୍ରିକ୍ ସମସ୍ୟା ଥିଲେ ଦିନକୁ ଦୁଇ ତିନିଥର ଗାଜର ଖାଇବା ଦରକାର । ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟରଲର ମାତ୍ରାକୁ କମାଇଥାଏ । ରାତ୍ରିଭୋଜନ ପରେ ପୁରୁଷମାନେ ଏକ ଗ୍ଲାସ ଗାଜର ଜୁସ୍ ପିଇବା ଲାଭଦାୟକ । ମୁହଁରୁ ଦୁର୍ଗନ୍ଧ ଆସୁଥିଲେ ଗାଜର ଖାଆନ୍ତୁ । ଏହା ହାଡ଼କୁ ମଧ ମଜଭୁତ କରିଥାଏ । ଆଣ୍ଠୁଗଣ୍ଠି ସମସ୍ୟା ଥିଲେ ଦୈନିକ ଏହା ଖାଆନ୍ତୁ । ମଧୁମେହ ରୋଗୀମାନେ ଏହାର ରସ ପିଅନ୍ତୁ । ଗାଜରରେ ଥିବା ଫାଇବର୍ କୋଷ୍ଠକାଠିନ୍ୟରୁ ଦୂରେଇ ରଖେ । ପେଟ ପରିଷ୍କାର କରେ । ଗାଜରରେ ଥିବା ପଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ।

ଆଖିକୁ ସୁସ୍ଥ ରଖିବା ତଥା ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଏହାର ବେଶ୍ ଆବଶ୍ୟକତା ରହିଛି । କାରଣ ଏଥିରେ ଭିଟାମିନ୍ ଏ ପ୍ରଚୁର ମାତ୍ରାରେ ରହିଛି । ଏଥିରେ ଥିବା ବିଟାକେରୋଟିନ୍ ଆଖିକୁ ସୁସ୍ଥ ରଖିଥାଏ । ଏହି ବିଟାକେରୋଟିନ୍



ଲିଭରକୁ ଯାଇ ସେଠି ଭିଟାମିନ୍ ଏ'ରେ ପରିବର୍ତ୍ତିତ ହୋଇଥାଏ । ଅନ୍ଧାରକଣା ପରି ରୋଗରୁ ଏହା ଦୂରେଇ ରଖେ । ନିୟମିତ ଏହାର ରସ ସେବନ ଦ୍ୱାରା ଆଖି ସୁସ୍ଥ ରହେ ।

ଏହା ଆଣ୍ଟି ଏଜିଙ୍ଗ୍‌ର କାମ କରିଥାଏ । ଏଥିରୁ ମିଳୁଥିବା ବିଟାକେରୋଟିନ୍ ଆଣ୍ଟି ଅକ୍ସିଡାଣ୍ଟ ଆମ ଶରୀରର କୋଷକୁ ସୁରକ୍ଷା ଦେଇଥାଏ । ଏହାଦ୍ୱାରା ଶରୀର ସତେଜ ରହେ । ତ୍ୱଚାରେ ଭାଙ୍ଗପଡେ ନାହିଁ । ଏହା ସୂର୍ଯ୍ୟ କିରଣରୁ ତ୍ୱଚାଙ୍କୁ ରକ୍ଷା କରିଥାଏ । ତ୍ୱଚାରେ ଚମକ ଆସେ । ଶରୀରରେ ଭିଟାମିନ୍ 'ଏ' କମ୍ ହେଲେ କେଶ, ନଖ ଓ ତ୍ୱଚା ଶୁଷ୍କ ହୋଇଯାଏ । ତେଣୁ ଗାଜର ଖାଇବା ଦରକାର । ଏହାର ପତ୍ର ମଧ ବେଶ୍ ଉପକାରୀ । ଗାଜର ପତ୍ରର ଉଭୟ ପାର୍ଶ୍ୱରେ ଘିଅ ଲଗାଇ ତାକୁ ଗରମ କରନ୍ତୁ । ଏଥିରୁ ରସ ବାହାର କରି ଦୁଇ ତିନି ବୁନ୍ଦା ନାକରେ ପକାଇବା ଦ୍ୱାରା ଅଧକପାଳୀ ଯନ୍ତ୍ରଣା ଦୂର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ୟୁକ୍ଲିଡ୍‌ଙ୍କୁ ଜ୍ୟାମିତିର ପିତା କୁହାଯାଏ ।
- ଗଣିତ ବିଦ୍ୟାଳୟରେ କମ୍ପ୍ୟୁଟରକୁ ବି ପଛରେ ପକାଇ ଦେଇଥିବା ଭାରତୀୟ ମହିଳା ହେଉଛନ୍ତି ଶକୁନ୍ତଳା ଦେବୀ ।
- ଜୁଡ୍ ଫେଲିକ୍ସ ହେଉଛନ୍ତି ଭାରତୀୟ ହକିର ପ୍ରସିଦ୍ଧ ଖେଳାଳି ।
- ଅର୍ଥନୀତି କ୍ଷେତ୍ରରେ ପ୍ରଫେସର ଅମର୍ତ୍ତ୍ୟ ସେନ ପ୍ରସିଦ୍ଧି ଲାଭ କରିଛନ୍ତି ।
- ଚଳଚ୍ଚିତ୍ର ନିର୍ଦ୍ଦେଶନାରେ ସତ୍ୟଜିତ୍ ରାୟ ଅନ୍ତର୍ଜାତିକ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଛନ୍ତି ।
- କୁଷ୍ଠ ନିବାରଣ ପାଇଁ କୋରିଆର ଡକ୍ଟର ଜୁନ୍ ଲିଉ ଅନ୍ତର୍ଜାତୀୟ ଗାନ୍ଧି ପୁରସ୍କାର ଲାଭ କରିଛନ୍ତି ।
- ପଦ୍ମଭୂଷଣ ଚିତ୍ରକର ଜାମିନି ରାୟ ୧୮୮୭ ମସିହା ଏପ୍ରିଲ ୧୧ ରେ ଜନ୍ମ ଗ୍ରହଣ କରିଥିଲେ ।
- ପଣ୍ଡିତ ବିରଜୁ ମହାରାଜ ଶାସ୍ତ୍ରୀୟନୃତ୍ୟରେ ଆନ୍ତର୍ଜାତିକ ସ୍ତରରେ ପ୍ରସିଦ୍ଧ ଅର୍ଜନ କରିଥିଲେ ।
- ଇଟାଲୀର ସାନ ବିଆଜିଓ ଡି କାଲାଟାରେ ଜନ୍ମ ଗ୍ରହଣ କରିଥିବା ପିଏରେ କାରଡିନ୍ ଫ୍ୟାସନ ଡିଜାଇନ୍ କ୍ଷେତ୍ରରେ ପ୍ରସିଦ୍ଧ ଅର୍ଜନ କରିଛନ୍ତି ।
- ରବୀନ୍ଦ୍ରନାଥଟାଗୋର ସାହିତ୍ୟରେ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ ।

# ଲାଭକାରୀ ପିଜୁଳି

**ପିଜୁଳି** ଦେଖିବାକୁ ଯେତେ ସୁନ୍ଦର, ତା'ର ଗୁଣବତ୍ତା ମଧ ସେତିକି ଅଧିକ । ଏଥିରେ ଭିଟାମିନ୍ ସି' ଏବଂ ଶର୍କରା ପ୍ରଚୁର ପରିମାଣରେ ରହିଥାଏ । ପିଜୁଳିରେ ଶରୀରର ଅନେକ ସମସ୍ୟାର ରାମବାଣ ଚିକିତ୍ସା ଲୁଚି ରହିଛି ।



**କ୍ୟାନ୍ସର:** ପିଜୁଳିରେ ଲାଇକୋପିନ୍ ନାମକ ଫାଇଟୋ ନ୍ୟୁଟ୍ରିଏଣ୍ଟସ ପ୍ରଚୁର ପରିମାଣରେ ରହିଥାଏ । ଯାହା କ୍ୟାନ୍ସରର ସମ୍ଭାବନାକୁ କମ୍ କରିଥାଏ ।

**ଥଣ୍ଡାକାଶ:** ପିଜୁଳି ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଯାହାଫଳରେ ସାଧାରଣ ଥଣ୍ଡା, କାଶର ସମ୍ଭାବନା ଖୁବ୍ କମ୍ ହୋଇଯାଏ ।

**ପେଟ କାଟିବା:** ଚାଉଳିଆର ପତ୍ରକୁ ବାଟି ସେଥିରେ କଳା ଲୁଣ ମିଶାଇ ଖାଇଲେ ପେଟକାଟିବା ଦୂର ହୋଇଥାଏ ।

**ଡାଇବେଟିସ୍:** ପିଜୁଳିରେ ପ୍ରଚୁର ପରିମାଣରେ ଫାଇବର୍ ରହିଥାଏ । ଯାହାଫଳରେ ଏହାକୁ ଖାଇଲେ ଡାଇବେଟିସ୍‌ର ସମ୍ଭାବନା କମିଯାଏ ।

**ତ୍ୱଚା ପାଇଁ:** ପିଜୁଳିରେ ବିଟା କ୍ୟାରୋଟିନ୍ ନାମକ ଏକ ପୋଷକ ତତ୍ତ୍ୱ ରହିଛି ଯାହା ମୁହଁରେ ଦେଖାଯାଉଥିବା ଅନେକ ସମସ୍ୟା ଦୂର କରିଥାଏ ।

**କୋଷ୍ଠକାଠିନ୍ୟ:** ପିଜୁଳି କୋଷ୍ଠକାଠିନ୍ୟ ଦୂର କରିଥାଏ । ଯଦି ଆପଣ ଖାଇବା ପୂର୍ବରୁ ପିଜୁଳି ଖାଆନ୍ତି ତେବେ ଆପଣଙ୍କୁ ଖାଦ୍ୟ ହଜମରେ କୌଣସି ଅସୁବିଧା ହେବନାହିଁ ।

# ସ୍ୱାସ୍ଥ୍ୟ ପାଇଁ କମଳା

**କମଳାର** ସୃଷ୍ଟି କାହିଁ କେତେ ପୁରୁଣା । ଇତିହାସ କହେ, ଏହା ପ୍ରଥମେ ଦକ୍ଷିଣ-ପୂର୍ବ ଏସିଆରେ ଦେଖିବାକୁ ମିଳିଥିଲା । କମଳା ହେଉଛି ଭିଟାମିନ୍-ସି'ର ପ୍ରମୁଖ ଉତ୍ସ ।



ପ୍ରାୟ ୮୫% କମଳାକୁ ଜୁସ୍ ପାଇଁ ବ୍ୟବହାର କରାଯାଏ । ମାର୍ମାଲେଡ୍ ହେଉଛି କମଳାରେ ପ୍ରସ୍ତୁତ ଏକ ଜାମ୍ । ବର୍ତ୍ତମାନ ସମଗ୍ର ବିଶ୍ୱରେ ପ୍ରାୟ ୬୦୦ ପ୍ରକାରର କମଳା ଦେଖିବାକୁ ମିଳିଥାଏ ।

# ଅଙ୍କୁରିତ ଖାଦ୍ୟ ଶରୀର ପାଇଁ ଉପକାରୀ

ଏବର ଯୁବପିଢ଼ି ଫାଷ୍ଟଫୁଡ୍ ଓ ସୁଆଦିଆ ବ୍ୟଞ୍ଜନର ଲାଳସାରେ ଶରୀର ପାଇଁ ଉପଯୁକ୍ତ ଖାଦ୍ୟ ପ୍ରତି ଦୃଷ୍ଟି ଦେଉନାହାନ୍ତି । ବିଶେଷଜ୍ଞଙ୍କ ମତରେ ଦୈନିକ ସକାଳ ସନ୍ଧ୍ୟାରେ ଅଙ୍କୁରିତ ଖାଦ୍ୟ ଖାଇବା ଶରୀର ପାଇଁ ଉପକାରୀ । ଅଙ୍କୁରିତ ଖାଦ୍ୟ ଯେପରି ଗଜା ବୁଟ, ମୁଗରେ ଭିଟାମିନ୍ ଇ ପ୍ରଚୁର ପରିମାଣରେ ଥାଏ । ଏହା ତ୍ୱଚା ଓ କେଶକୁ ଉତ୍ତମ ପୋଷଣ ଯୋଗାଉଥିବା ପ୍ରକାଶ ।



ବୃକକକୁ ଏସବୁ ଖାଦ୍ୟ ଶକ୍ତି ଯୋଗାଇଥାଏ । ଅଙ୍କୁରିତ ଖାଦ୍ୟରେ ଭିଟାମିନ୍ ଓ ପ୍ରୋଟିନ୍ ପ୍ରଚୁର ପରିମାଣରେ ରହିଥିବାରୁ ତାହା ହାଡ଼କୁ ମଜଭୁତ୍ କରେ । ଏସବୁ ଖାଦ୍ୟରେ ମାତ୍ରାଧିକ ଫାଇବର ଥିବାରୁ ତାହା ହଜମ ପ୍ରକ୍ରିୟା ଉତ୍ତମ କରେ । ଦୈନିକ ଏହା ଖାଇଲେ ଅମ୍ଳ ରୋଗରୁ ରକ୍ଷା ମିଳେ । ଅଙ୍କୁରିତ ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏ, ବି, ସି ଥିବାରୁ ପ୍ରତ୍ୟେକ ବର୍ଗର ଲୋକେ ଦୈନିକ ଏହା ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ ।

# ମୋଟାପା କମାଏ ଟମାଟୋ

**ବର୍ତ୍ତମାନ** ଓଜନ ବୃଦ୍ଧି ଘଟିବା ବା ମୋଟାପା ବଢ଼ିବା ସମସ୍ତଙ୍କ ପାଇଁ ଚିନ୍ତାରବିଷୟ ପାଲଟିଯାଇଛି । ତେଣୁ ପତଳା ଏବଂ ସୁସ୍ଥ ଶରୀର ପାଇଁ ଅନେକ ବ୍ୟକ୍ତି ଜିମରେ ସମୟ ଅତିବାହିତ କରିଥାନ୍ତି । ତେବେ ଯେଉଁମାନେ ନିଜର ପୃଥୁଳତାକୁ ନେଇ ଚିନ୍ତାରେ ଅଛନ୍ତି ସେମାନଙ୍କ ପାଇଁ ଖୁସିର ଖବର । ଶରୀରରୁ ଓଜନହ୍ରାସ କରିବା ପାଇଁ ଆଉ କୌଣସି ଜିମ୍ କିମ୍ବା ଯୋଗ ସେଣ୍ଟରକୁ ଯିବାକୁ ପଡିବ ନାହିଁ । ଘରେ ବସି ସହଜରେ ଶରୀରରୁ ଓଜନ ହ୍ରାସ କରି ପାରିବେ । ଓଜନ ହ୍ରାସ କରିବା ପାଇଁ ନିୟମିତ ଖାଦ୍ୟରେ ସାମିଲ କରନ୍ତୁ ଟମାଟୋ । ଆମର ଦୈନନ୍ଦିନ ଜୀବନରେ ଟମାଟୋ ଏକ ପରିବା ଯାହା ବିଭିନ୍ନ ତରକାରୀରେ ଉପଯୋଗ କରାଯାଇଥାଏ । ଏକ ରିସର୍ଚ୍ଚ ମୁତାବକ ନିୟମିତ ଟମାଟୋ ରସ ପିଇଲେ ଶରୀରର ଓଜନ ହ୍ରାସ ପାଇଥାଏ । ଖାଲି ସେତିକି ନୁହେଁ ଟମାଟୋ ରସ ମୋଟାପା କମାଇବାରେ ଏକ ଭଲ ସାମଗ୍ରୀ । କ୍ରମାଗତ ୨୦ ଦିନ ଏହାକୁ ସେବନ କଲେ ମହିଳାମାନଙ୍କ ଶରୀରରେ ଚର୍ବି କମିଥାଏ । ଏହା



ମୋଟାପାକୁ ହ୍ରାସ କରିବାରେ ବି ସହାୟକ ହୋଇଥାଏ । ଏହାକୁ ନିୟମିତ ଭାବେ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବଢ଼ିଥାଏ ।

ଏହାଛଡ଼ା ଟମାଟୋ ରସ ଶରୀରରେ ଏଡି ପୋନକ୍ଟିନ୍ ନାମକ ପ୍ରୋଟିନର ସ୍ତର ମଧ ବୃଦ୍ଧି କରିଥାଏ । ଯାହା ଫଳରେ ଦେହର ଫ୍ୟାଟ୍ କମ୍ ହୋଇଥାଏ । ଟମାଟୋ ରସ କିନ୍ତୁ ଅଧିକ ପରିମାଣରେ ସେବନ କରିବା ଅନୁଚିତ । କାରଣ ଖାଲି ପେଟରେ ପିଇବା ଦ୍ୱାରା ମଧ ଶରୀରରେ ଏହା ଏସିଡିଟି ବା ଅମ୍ଳ ହେବାର ଆଶଙ୍କା ଦେଖା ଦେଇଥାଏ ।

# କହିପାରିବେ କି ?

(୧) ଏଗ୍ରିକଲଚର୍ ସଟ୍ କେଉଁ ଖେଳ ସହ ଜଡ଼ିତ ?
(୨) ୨୦୧୮ରେ ହେବାକୁ ଥିବା କମନୱେଲ୍‌ଥ ଗେମ୍ କେଉଁ ଦେଶ ଆୟୋଜନ କରିବ ?
(୩) ସ୍ନୁକର୍‌ରେ କେତୋଟି ଲାଲ୍ ରଙ୍ଗର ବଲ୍ ରହିଥାଏ ?
(୪) 'ବର୍ଡି' ଓ 'ଇଗଲ' ଶବ୍ଦ କେଉଁ ଖେଳ ସହ ଜଡ଼ିତ ?
(୫) 'ଜାତୀୟ ଫୁଟବଲ୍ ମ୍ୟୁଜିୟମ' କେଉଁଠାରେ ଅବସ୍ଥିତ ?
(୬) ବିଦ୍ୟୁତ୍ ପ୍ରବାହବେଳେ ସଲେନଏଡ୍ କାହାପରି କାର୍ଯ୍ୟ କରେ ?
(୭) ବ୍ୟାଟେରୀ ସାଧାରଣତଃ କେଉଁ ବିଦ୍ୟୁତ୍ ସ୍ରୋତର ଉତ୍ସ ଅଟେ ?
(୮) ମୋଟରରେ ଲାଗିଥିବା ବ୍ରସ୍‌ଗୁଡ଼ିକ କେଉଁଥିରେ ନିର୍ମିତ ?
(୯) ବିଦ୍ୟୁତ୍ ଜେନେରେଟର୍‌ର କାର୍ଯ୍ୟ ପ୍ରଣାଳୀ କାହା ଉପରେ ଆଧାରିତ ?
(୧୦) ଫ୍ୟୁଜ୍ କେଉଁ ତାର ସହ ସଂପୃକ୍ତ ହୁଏ ?

## JUMBLE WORDS

| | | | |
|---|---|---|---|
| 1) OSUEH | = | 6) ZNATAS | = |
| 2) JTREEC | = | 7) NFIEAL | = |
| 3) BNILEB | = | 8) PZTAO | = |
| 4) FOGOY | = | 9) NOIWDW | = |
| 5) LTIPO | = | 10) ONBTEN | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଆନଷ୍ଟୋନି ଲେବୋସିୟର, ୨.ୟାଙ୍ଗ୍ ଲୁଇ, ୩.ଆର୍ଯ୍ୟଭଟ୍ଟ, ୪.ସଲଫର, ୫.ସାତ ଲିଟର, ୬.ପ୍ଲେନ୍ ଡୋରନିୟର ୨୨୮, ୭.୩ଟି, ୮.ନାସା, ୯.ୟୁନିର୍ଭସିଟି ଅଫ୍ ଅକ୍ସଫୋର୍ଡ, ୧୦.ସୁଇଜରଲ୍ୟାଣ୍ଡ ।

***Jumble Words* ର ଉତ୍ତର :-**

(1) ZEALOT (2) WHINE (3) APART (4) SCRIPT (5) NOBODY
(6) BURLY (7) CRUSH (8) MIDDLE (9) GRAVEL (10) ZESTY

# ଭାରତ ବିଶ୍ୱ ପାଇଁ ଉଦାହରଣ ଓ ଭବିଷ୍ୟତର ଭରସା କହିଲେ ବିଲ୍ ଗେଟ୍ସ

ନୂଆଦିଲ୍ଲୀ : ସାରା ବିଶ୍ୱ ପାଇଁ ଭାରତ ଏବେ ଉଦାହରଣ ହୋଇଛି । କେବଳ ସେତିକି ନୁହେଁ, ଭବିଷ୍ୟତ ପାଇଁ ଭରସା ମଧ ହୋଇଛି । ବିଶ୍ୱ ଦୃଶ୍ୟପଟରେ ଦେଖାଯାଉଥିବା ବଡ଼ ବଡ଼ ଆହ୍ୱାନକୁ କିଭଳି ସଫଳତାର ସହ ସମାଧାନ କରାଯାଇ ପାରିବ ତାହା ଭାରତ ଠାରୁ ଶିକ୍ଷା କରିବା ଆବଶ୍ୟକ ବୋଲି ବିଶ୍ୱର ଅନ୍ୟତମ ପ୍ରତିଷ୍ଠିତ ବିତ୍ତଶାଳୀ ତଥା ମାଇକ୍ରୋସଫ୍ଟ କର୍ପୋରେସନର ସହ-ସଂସ୍ଥାପକ ବିଲ୍ ଗେଟ୍ସ କହିଛନ୍ତି । ସେ ନିଜ ବ୍ଲଗ 'ଗେଟ୍ସ ନୋଟିସ'ରେ ଉଲ୍ଲେଖ କରି ଏଭଳି ଲେଖିବା ସହିତ ଭାରତ ଭବିଷ୍ୟତ ପାଇଁ ଆଶା ସଂଚାର ସୃଷ୍ଟି କରିଛି ବୋଲି କହିଛନ୍ତି । ବିଶେଷକରି ବିଭିନ୍ନ କ୍ଷେତ୍ରରେ ଦେଖାଯାଇଥିବା ଉକ୍ତ ସମସ୍ୟାର ସମାଧାନ ଦିଗରେ ଭାରତ ଯେଭଳି ନିପୁଣତା ଦେଖାଇଛି ତାହାକୁ ସେ ଭୂରି ଭୂରି ପ୍ରଶଂସା କରିଛନ୍ତି । ବିଲ୍ ଗେଟ୍ସରେ ଲେଖିଛନ୍ତି ଯେ, କରୋନା କାଳରେ ସାରା ବିଶ୍ୱ ସଂକଟରେ ଯୁଝୁଥିଲା । ହେଲେ ଭାରତ ଏହି ସଂକଟର ସମାଧାନ ଦିଗରେ ଯେଭଳି ପଦକ୍ଷେପ ନେଇଥିଲା ତାହା ସମସ୍ତଙ୍କ ପାଇଁ ଉଦାହରଣ । କେବଳ ନିଜ ପାଇଁ



ନୁହେଁ, 'ଇନୋଭେସନ ଓ ଡେଲିଭରୀ ଚ୍ୟାନେଲସ' ସହିତ ଅନ୍ୟ ରାଷ୍ଟ୍ରଙ୍କ ପାଇଁ ଭାରତ ନିଜର ପ୍ରତିବଦ୍ଧତା ବଜାୟ ରଖିପାରିଛି ବୋଲି ଗେଟ୍ସ କହିଛନ୍ତି । ଏହାଦ୍ୱାରା ବିଭିନ୍ନ ଦେଶର ସମସ୍ୟାର ସମାଧାନ ଦିଗରେ ପଥ ସୃଷ୍ଟି ହୋଇପାରିଛି । ସମସ୍ୟା ସମାଧାନ ଦିଗରେ ଯେ କେବଳ ସମୟ ଏବଂ ପର୍ଯ୍ୟାପ୍ତ ଅର୍ଥ ଦରକାର ତାହାକୁ ଭାରତ ଭୁଲ ପ୍ରମାଣିତ କରିଛି । ବିଶେଷକରି ଜଳବାୟୁ ସଙ୍କଟ, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ ଏବଂ ନବଉନ୍ମେଷ ଦିଗରେ ଭାରତର ଭୂମିକା ଏବେ ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ଗେଟ୍ସ କହିଛନ୍ତି । ଏଥିପାଇଁ ଭାରତ ମୋ ପାଇଁ ଭବିଷ୍ୟତର ଭରସା ପାଲଟିଛି ବୋଲି ଗେଟ୍ସ କହିଛନ୍ତି । ଭାରତ ବିଶ୍ୱର ସବୁଠାରୁ ଜନବହୁଳ ଦେଶ । ଏଠାରେ ଅନେକ ସମସ୍ୟା ରହିଛି ଯାହାକୁ ଏକସଙ୍ଗରେ ସମାଧାନ କରିବା ସମ୍ଭବ ନୁହେଁ । ହେଲେ ଏହାକୁ ଭାରତ ଭୁଲ ପ୍ରମାଣିତ କରିଛି । ସବୁ ଆହ୍ୱାନକୁ କିଭଳି ସକାରାତ୍ମକ ଭାବେ ଗ୍ରହଣ କରି ଏହାର ସମାଧାନ କରାଯାଇପାରିବ ତାହା ଭାରତ ବିଶ୍ୱବାସୀଙ୍କୁ ଦେଖାଇଛି । ଭାରତରେ ଏବେ ଗରିବୀ ହ୍ରାସ ପାଉଥିବା ବେଳେ ଏଚଆଇଭି ଭଳି ମାରାତ୍ମକ ରୋଗ ମଧ କମିଛି । ସେହିପରି ଶିଶୁ ମୃତ୍ୟୁହାର ହ୍ରାସ ପାଇବା ସହିତ ସ୍ୱଚ୍ଛତାରେ ମଧ ଭାରତ ଅଗ୍ରଗତି କରୁଛି ବୋଲି ବିଲ୍ ଗେଟ୍ସ କହିଛନ୍ତି । ବିଲ ଗେଟ୍ସ ଆସନ୍ତା ସପ୍ତାହରେ ଭାରତ ଗସ୍ତରେ ଆସୁଥିଲା ବେଳେ ଏହାପୂର୍ବରୁ ତାଙ୍କ ବ୍ଲଗରେ ଏଭଳି ଉଲ୍ଲେଖ କରି ବିଭିନ୍ନ ମହଲକୁ ଚମକାଇ ଦେଇଛନ୍ତି ।

# ଏବେ ମୋଦୀ ପାଲଟିଛନ୍ତି ପାକିସ୍ତାନୀ ଯୁବପୀଢ଼ିଙ୍କ ପସନ୍ଦ

ନୂଆଦିଲ୍ଲୀ: ଆର୍ଥିକ ଦୁର୍ଗତିକୁ ନେଇ ପାକିସ୍ତାନ ଏବେ ନାନା ସମସ୍ୟାରେ ଯୁଝୁଥିବା ବେଳେ ଭାରତର ଶାସନତନ୍ତ୍ର ଏବଂ ଆର୍ଥିକ ସଫଳତାକୁ ନେଇ ପାକିସ୍ତାନବାସୀଙ୍କ ଭାରତ ପ୍ରତି ରହିଥିବା ମନୋଭାବରେ ପରିବର୍ତ୍ତନ ଘଟିବା ଦେଖାଯାଉଛି । ବିଶେଷକରି ଭାରତ ପ୍ରଗତି ପାଇଁ ମୋଦୀଙ୍କ ଶାସନ ବ୍ୟବସ୍ଥାକୁ ଏବେ ଅଧିକାଂଶ ପାକିସ୍ତାନବାସୀ ଶ୍ରେୟ ଦେଉଥିବା ବେଳେ ମୋଦୀ ଏଠାକାର ଯୁବପୀଢ଼ିଙ୍କ ପ୍ରଥମ ପସନ୍ଦ ହୋଇଛନ୍ତି । ସୋସିଆଲ ମିଡିଆ ସମେତ ବହୁ ୟୁଟ୍ୟୁବ୍ ଚ୍ୟାନେଲରେ ଯୁବକମାନେ ମୋଦୀଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ନେତୃତ୍ୱ ହିଁ ଭାରତକୁ ବିଶ୍ୱସ୍ତରରେ ନୂଆ ରୂପ ଦେଇପାରିଛି ବୋଲି ମତ ଦେଉଛନ୍ତି । ଏହିକ୍ରମରେ ସନା ଅମଜାଦ ନାମକ ଜଣେ ଯୁବକ ଏକ ଭିଡିଓ ସେୟାର କରିଛନ୍ତି । ତାଙ୍କର ଏହି ଭିଡିଓ କେବଳ ପାକିସ୍ତାନ ନୁହେଁ ବରଂ ଭାରତରେ ମଧ ଭାଇରାଲ ହେବାରେ ଲାଗିଛି । ଏହି ଭିଡିଓରେ ନିଜ ଦେଶର ଆର୍ଥିକ ସଙ୍କଟକୁ ନେଇ ବ୍ୟଥିତ ଅମଜାଦ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହନାଜ ସରିଫଙ୍କ ବିରୋଧରେ ବିଷ ଓଗାଳିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଖୁବ୍ ପ୍ରଶଂସା କରୁଥିବା ଦେଖାଯାଇଛି । ଭିଡିଓରେ ଯୁବକ ଜଣକ ପାକିସ୍ତାନରେ ଉପୁଜିଥିବା ଆର୍ଥିକ ସଙ୍କଟକୁ ନେଇ ଶେହନାଜ ସରିଫ୍ ସରକାରଙ୍କୁ ସମାଲୋଚନା କରିଛନ୍ତି । ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାକିସ୍ତାନରେ ଶାସନ କରିଥାନ୍ତେ ତା'ହେଲେ ସମସ୍ତେ ଠିକ୍ ମୂଲ୍ୟରେ ସାମଗ୍ରୀ କିଣି ପାରିଥାନ୍ତେ ବୋଲି ମଧ କହିଛନ୍ତି । ଏମିତିକି ୧୯୪୭ରେ ହୋଇଥିବା ବିଭାଜନକୁ ମଧ ସେ ଭୁଲ ନିଷ୍ପତ୍ତି ବୋଲି କହିଛନ୍ତି । ଯଦି ସେ ଭାରତରେ ଜନ୍ମ ନେଇଥାନ୍ତେ ତେବେ ତାଙ୍କୁ ଏଭଳି ଅସୁବିଧାର ସମ୍ମୁଖୀନ କରିବାକୁ ପଡ଼ି ନ ଥାନ୍ତା । ସେ ଆହୁରି କହିଛନ୍ତି ବିଭାଜନ ନ ହୋଇଥିଲେ ଭଲ ହୋଇଥାନ୍ତା । ଆମେ ୨୦ ଟଙ୍କାରେ ଟମାଟୋ, ୧୫୦ ଟଙ୍କାରେ ଚିକେନ୍ ଏବଂ ପେଟ୍ରୋଲ କିଣି ପାରିଥାନ୍ତୁ । ଏହା ଦୁର୍ଭାଗ୍ୟପୂର୍ଣ୍ଣ ଯେ ଆମକୁ ଏକ ଇସଲାମିକ ରାଷ୍ଟ୍ର ମିଳିଲା । କିନ୍ତୁ ଆମେ ଏଠାରେ ଇସଲାମକୁ ପ୍ରତିଷ୍ଠା କରିପାରିଲୁ ନାହିଁ । ସବୁଠାରୁ ବଡ଼ କଥା ହେଲା ପ୍ରଧାନମନ୍ତ୍ରୀ ରୂପରେ ନରେନ୍ଦ୍ର ମୋଦୀଙ୍କ ବ୍ୟତୀତ ଆଉ କେହି ଦରକାର ନାହିଁ ବୋଲି ଭିଡିଓରେ କହୁଥିବା ଦେଖିବାକୁ ମିଳିଛି । ମୋଦୀ ବହୁତ ଭଲ । ତାଙ୍କୁ ଲୋକମାନେ ଯଥେଷ୍ଟ ସମ୍ମାନ କରିଥାନ୍ତି ଏବଂ ତାଙ୍କର ଅନୁସରଣ କରିଥାନ୍ତି । ଯଦି ଆମ ପାଖରେ ନରେନ୍ଦ୍ର ମୋଦୀ ଥା'ନ୍ତେ ତେବେ ଆମକୁ ନୱାଜ ସରିଫ୍ କିମ୍ବା ବେନଜୀର କିମ୍ବା ଇମ୍ରାନଙ୍କ ଆବଶ୍ୟକତା ନ ଥାଆନ୍ତା ବୋଲି ସେ କହୁଥିବା ଦେଖିବାକୁ ମିଳିଛି ।

## ଜନଜାତି ଶିକ୍ଷା ସାଧନ କେନ୍ଦ୍ର ଲୋକାର୍ପିତ

ସମ୍ବଲପୁର: ଆନ୍ତର୍ଜାତିକ ମାତୃଭାଷା ଦିବସ ଉପଲକ୍ଷେ ଜନଜାତି ଶିକ୍ଷା ସାଧନା କେନ୍ଦ୍ର ସମ୍ବଲପୁର ଜିଲା ଶିକ୍ଷା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଲୋକାର୍ପିତ ହୋଇଯାଇଛି । ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ ଯୋଗଦେଇ ଆନୁଷ୍ଠାନିକ ଭାବେ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଡିଆଇଇଟି ଅଧକ୍ଷ ଡକ୍ଟର ରବି ନାରାୟଣ ବଘାର, ଆଦିବାସୀ ଓ ହରିଜନ ଜିଲା ସଂଯୋଜିକା ଅନୁପମା ମହାପାତ୍ର, ଅରୁଣ ଦାଶ, ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସମ୍ବଲପୁର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜନଜାତି ଶିକ୍ଷା ସାଧନା କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଓଡିଶାର ୧୩ଟି ଆଦିମ ଜନଜାତି ସମେତ ୨୨ ପ୍ରକାରର ଆଦିବାସୀ ଲୁପ୍ତପ୍ରାୟ କଳା, ସଂସ୍କୃତି ପରମ୍ପରା ପ୍ରଭୃତିକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଆଗାମୀ ପୀଢ଼ିଙ୍କୁ ସେମାନଙ୍କ ଜୀବନଚର୍ଯ୍ୟା ବିଷୟରେ ବିଶଦ ଧାରଣା ଦେବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

## ସମ୍ବଲପୁରୀ ଭାଷା ସାହିତ୍ୟ ଏଠାକାର ମୂଳ ଆଦିବାସୀଙ୍କ ଅବଦାନ: ମିତ୍ରଭାନୁ

ସମ୍ବଲପୁର : ସମ୍ବଲପୁରୀ ଲୋକ ଗୀତ, ଭାଷାସାହିତ୍ୟ ଏଠାକାର ମୂଳ ଆଦିବାସୀଙ୍କ ଅବଦାନ ବୋଲି ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ କହିଛନ୍ତି । ବାମରା ବ୍ଲକ କେନ୍ଦୁପାଣି ସ୍ଥିତ ପ୍ରସିଦ୍ଧ ଧବଳେଶ୍ୱର ମହାଦେବ ମନ୍ଦିରର ଏକ ଆଧାତ୍ମିକ କାର୍ଯ୍ୟକ୍ରମରେ ଉନ୍ନୟନ କମିଟି ଅଧକ୍ଷ ହେମନ୍ତ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶ୍ରୀ ଗୌନ୍ତିଆ ଏହା କହିଛନ୍ତି । ଏହି ଅବସରରେ ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ ପଦ୍ମଶ୍ରୀ ମିତ୍ରଭାନୁଙ୍କୁ ଉପଢୌକନ ଓ ସ୍ତୁତିସନ୍ତକ ପ୍ରଦାନ କରି ସମ୍ମାନିତ କରିଥିଲେ । ଜିଲ୍ଲାପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପା ମଧ ମଞ୍ଚାସୀନ ଥିଲେ । ବିଶିଷ୍ଟ କୃଷକ ନେତା ଯୋଗବିହାରୀ ପରିଡ଼ା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ।

## ସମ୍ବଲପୁର ପୁସ୍ତକମେଳା ଉଦ୍‌ଯାପିତ

ସମ୍ବଲପୁର: 'ସେତୁ' ଅନୁଷ୍ଠାନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଅଇଁଠାପାଲି ପିଏଚ୍ଡି ପଡ଼ିଆ ଠାରେ ଆୟୋଜିତ ୨୩ ତମ ପୁସ୍ତକମେଳା ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟ ଅତିଥି ଓ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ଏସଏମସି କମିଶନର ପ୍ରଦୀପ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । 'ସେତୁ'ର ସଭାପତି ଡକ୍ଟର ମୀନକେତନ ପାଠୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ରଙ୍ଗବତୀର ଗୀତିକାର ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଓ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ସାହୁଙ୍କୁ ଶିକ୍ଷାବିତ୍ ବାଳକୃଷ୍ଣ କର ସ୍ମୃତି ସମ୍ମାନ, ତ୍ରିପୁରା କଂସାଙ୍କୁ ଡାକ୍ତର ଦାଣ୍ଡିବାଳା ପଟ୍ଟନାୟକ ସ୍ମୃତି ସମ୍ମାନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଳ'କୁ 'ସେତୁ' ସମ୍ମାନରେ ସମ୍ମାନିତ କରାଯାଇଥିଲା । ଜୟକୃଷ୍ଣ ବେହେରା ଓ ଡକ୍ଟର ସ୍ୱୟଂପ୍ରକାଶ ପଣ୍ଡା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଡକ୍ଟର କାମଦେବ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ହରି ନାରାୟଣ ପଣ୍ଡା ଧନ୍ୟବାଦ ଦେଇଥିଲେ ।

## ବୁର୍ଲାରେ ଆକଷ୍ଟିକାଲ ସୋସାଇଟି ଅଫ ଇଣ୍ଡିଆର ରାଷ୍ଟ୍ରୀୟ ମହାଧିବେଶନ




ବୁର୍ଲା: ଆକଷ୍ଟିକାଲ ସୋସାଇଟି ଅଫ ଇଣ୍ଡିଆର ୫୦ ତମ ଜାତୀୟ ମହାଧିବେଶନର ବୀର ସୁରେନ୍ଦ୍ର ସାଏ ପ୍ରଦ୍ୟୋଗିକ ବିଶ୍ୱବିଦ୍ୟାଳୟର ଇ-ଶିକ୍ଷାଦାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଓ. ୟୁ. ଟି. ଆର. ର କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ ।

ଭିଏସଏସୟୁଟିର କୁଳପତି ଓ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ବଂଶୀଧର ମାଝୀ ସ୍ୱାଗତ ଭାଷଣ, କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ଓ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଗଣେଶ୍ୱର ନାଥ, ଆକଷ୍ଟିକାଲ ସୋସାଇଟି ଅଫ ଇଣ୍ଡିଆର ଉପସଭାପତି ପ୍ରଫେସର ଅଜିସ ଅବ୍ରାହମ, ସୋସାଇଟିର ସାଧାରଣ ସଂପାଦକ ଡକ୍ଟର ମହାବୀର ସିଂହ, ପ୍ରଫେସର ରଇସ ମହମ୍ମଦ, ପ୍ରଫେସର ଅମିତା ଦେବ, ପ୍ରଫେସର ରାଓ ମାନେପଲ୍ଲି ପ୍ରମୁଖ ଭାଷଣ ଦେଇଥିଲେ ।

କାର୍ଯ୍ୟକ୍ରମର ଆବାହକ ଡକ୍ଟର ଭାରତୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ଅମିତ ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ତାଭାନେ, ପ୍ରଫେସର ପିୟୁଷ ରଞ୍ଜନ ଦାସ, ପ୍ରଫେସର ମିଶ୍ର, ପ୍ରଫେସର ରିତା ପାଇକରାଏ, ଡକ୍ଟର କିର୍ତ୍ତୀ ସୋନି, ଡକ୍ଟର ବିଶ୍ୱଜିତ୍ ଚକ୍ରବର୍ତ୍ତୀ ପ୍ରମୁଖ ବିଭିନ୍ନ ଅଧିବେଶନରେ ଅଧକ୍ଷତା କରିଥିଲେ । ଏହି ଅବସରରେ ଧ୍ୱନୀ ବିଜ୍ଞାନରେ ଶିକ୍ଷା ଓ ଗବେଷଣାକୁ ମହତ୍ତର ଯୋଗଦାନ ପାଇଁ ପ୍ରଫେସର ରୀତା ପାଇକରାଏଙ୍କୁ ସୋସାଇଟିର ସର୍ବୋଚ୍ଚ ବିଶେଷ ସେବା ସମ୍ମାନ ପ୍ରଦାନ କରାଯାଇ ଥିଲା । ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ଜୟପ୍ରକାଶ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

ସ୍ୱୀକାର
26 February - 04 March 2023



## ସ୍ପିକ୍ ମେକେ ପକ୍ଷରୁ ସମ୍ବଲପୁରରେ ସାଂସ୍କୃତିକ କାର୍ଯ୍ୟକ୍ରମ








ସମ୍ବଲପୁର: ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ସ୍ପିକ୍ ମେକେ ତରଫରୁ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପଶ୍ଚିମ ଓଡ଼ିଶା ଦାୟିତ୍ୱରେ ଥିବା ପ୍ରଫେସର କାମଦେବ ସାହୁ ଏବଂ ସୁଶ୍ରୀ ସୁନନ୍ଦାଙ୍କ ଆୟୋଜକତ୍ୱ ତଥା ସୁଶ୍ରୀ ସଂସ୍କୃତି ପୂଜାରୀଙ୍କ ସଂଯୋଜନାରେ ପ୍ରଥମ ଦିନ ବିଜୟ ମହାପାତ୍ରଙ୍କ ଟ୍ରୁପ୍ ଦ୍ୱାରା ଗୋଟିପୁଅ ନୃତ୍ୟ ଓ ହାଇଦ୍ରାବାଦର ଉସ୍ତାଦ ନାସିର ଅହମ୍ମଦ ବାର୍ଶୀ ଏବଂ ଉସ୍ତାଦ ନାଜିର ଅହମ୍ମଦ ବାର୍ଶୀ ତଥା ତାଙ୍କ ସାଥୀ କଳାକାରଙ୍କ ଦ୍ୱାରା କବାଲି ପରିବେଷଣ କରାଯାଇଥିଲା । ସେହିପରି ଦ୍ୱିତୀୟ ଦିନ ବନାରସ ଘରାନାର ଶଂକର ବ୍ରଦର୍ସ ପଣ୍ଡିତ ସଂଜୀବ ଶଙ୍କର ଓ ପଣ୍ଡିତ ଅଶ୍ୱିନୀ ଶଙ୍କରଙ୍କ ଦ୍ୱାରା ସେହେନାଇ ବାଦନ ଏବଂ ମୁମ୍ବାଇର ଶ୍ରୁତି ସାଡୋଲିକରଙ୍କ ଦ୍ୱାରା ଶାସ୍ତ୍ରୀୟ ସଂଗୀତ ପରିବେଷିତ ହୋଇଥିଲା । ପ୍ରଥମ ଦିନର ଗୋଟିପୁଅ ନୃତ୍ୟଦଳକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳସଚିବ ଶ୍ରୀମତୀ ଯୁଗଳେଶ୍ୱରୀ ଦାଶ ସମ୍ବର୍ଦ୍ଧିତ କରିଥିବା ବେଳେ କବାଲି ସଙ୍ଗୀତ ପରିବେଷଣ କରିଥିବା କଳାକାରଙ୍କୁ ଅବସରପ୍ରାପ୍ତ ପ୍ରଫେସର ଶଶାଙ୍କ ଶେଖର ନନ୍ଦ ସମ୍ବର୍ଦ୍ଧିତ କରିଥିଲେ । ଦ୍ୱିତୀୟ ଦିନର କଳାକାରମାନଙ୍କୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ସମ୍ବର୍ଦ୍ଧିତ କରିଥିଲେ ।

## ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ





ଝାରସୁଗୁଡ଼ା : ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ କିର୍ମିରା ବ୍ଲକ କାର୍ଯ୍ୟାଳୟ ସ୍ଥିତ ରାଜୀବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲଇକେରା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଲେଖ ଘୁଟା ମୁଖ୍ୟ ଅତିଥି, ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ମୁଖ୍ୟ ବକ୍ତା, ପୂର୍ବତନ ମୁଖ୍ୟ ମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ପତ୍ନୀ ଉର୍ମିଳା ବିଶ୍ୱାଳ, ପୂର୍ବତନ ଝାରସୁଗୁଡ଼ା ବରିଷ୍ଠ ନାଗରିକ ସଂଘର ସଭାପତି ଅର୍ଜୁନ ମୋର, ଓଡ଼ିଶା ହକି ଆସୋସିଏସନର ଉପାଧ୍ୟକ୍ଷ ଜୀବନ ମହାନ୍ତି, କିର୍ମିରାର କ୍ୟାପଟେନ ସୁରେନ୍ଦ୍ର ପୂଜାରୀ, କିର୍ମିରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ତଥା କୃଷକ ନେତା ତେଜରାଜ ସାହୁ ଓ କିର୍ମିରାର ସନ୍ଦୀପ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମିଳିତ ଆଦିବାସୀ ସମାଜର ସଭାପତି ମାଧବ ସିଂହ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପ୍ରମୁଖ ସଚିବ ଅଶୋକ କୁମାର ମାଝୀ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଉଭୟ ରାଜଧାନୀ ଭୁବନେଶ୍ୱର ଓ ଜନ୍ମ ଜିଲ୍ଲା ଝାରସୁଗୁଡ଼ା ସହରରେ ସ୍ଥାପନ କରାଯିବାକୁ ଦାବି କରାଯାଇଥିଲା । ସଭାରେ ସମ୍ମିଳିତ ଆଦିବାସୀ ସମାଜର ପୂର୍ବତନ ସଭାପତି ବୁନ୍ଦେ ଧୁରୁଆ, ଗୋଁଣ୍ଡ ସମାଜ ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ସରୋଜ କୁମାର ନାଏକ, କୃପାସିନ୍ଧୁ ପାଣ୍ଡେ, ଝସକେତନ ପ୍ରଧାନ, ରସାନନ୍ଦ କିସାନ ପ୍ରମୁଖ ଯୋଗ ଦେଇଥିଲେ ।

## ଉତ୍କଳ ଲକ୍ଷ୍ମୀ ବିଶେଷାଙ୍କ ଉନ୍ମୋଚିତ



ବରପାଲି : ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଉତ୍କଳ ଲକ୍ଷ୍ମୀ ବିଶେଷାଙ୍କ 'ପ୍ରିୟମ୍ବଦା- ୨୦୨୨' ଉନ୍ମୋଚିତ ହୋଇଯାଇଛି । ଡକ୍ଟର ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏହି ଅବସରରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଛାୟାକାନ୍ତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଗଙ୍ଗାଧର ସାହିତ୍ୟର ବିଶିଷ୍ଟ ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପଣ୍ଡିତ ରଘୁନାଥ ବିଶି, ଡକ୍ଟର ସୁକଦେବ ସାହୁ, ଡକ୍ଟର ସୁକମୁନି ମେହେର ଓ ମେହେର କୁମାର ମଧ ଭାଷଣ ଦେଇଥିଲେ । ଅଧାପକ ହରିଶ୍ଚନ୍ଦ୍ର ହୋତା ବେଦପାଠ କରିଥିବା ବେଳେ ରଘୁନାଥ ବିଶି ସ୍ୱାଗତ ଭାଷଣ ଓ ରାଜମଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପୁସ୍ତକର ପ୍ରଚ୍ଛଦ ଶିଳ୍ପୀ ଓ ମୁଦ୍ରକ ମନୋରଞ୍ଜନ ମେହେରଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ପୁଷ୍ପ ପ୍ରଦର୍ଶନୀ

ସମ୍ବଲପୁର: ସମ୍ବଲପୁର ମଣ୍ଡଳ ଅଧିକାରୀ କ୍ଲବ ପରିସରରେ ଏକ ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଛି । ମଣ୍ଡଳ ରେଳ ପ୍ରବନ୍ଧକ ବିନୀତ ସିଂ ଏହି ପୁଷ୍ପ ପ୍ରଦର୍ଶନୀକୁ ଉଦଘାଟନ କରିଛନ୍ତି । ଏଥିରେ ପୂର୍ବତଟ ରେଳବାଇ ସମ୍ବଲପୁର ମହିଳା କଲ୍ୟାଣ ସଙ୍ଗଠନର ଅଧ୍ୟକ୍ଷା ଅଞ୍ଜାନି ସିଂ ଏବଂ ସମ୍ବଲପୁର ରେଳ ମଣ୍ଡଳ ଅତିରିକ୍ତ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଦର୍ଶନୀରେ ସମ୍ବଲପୁର ସହିତ ବରଗଡ଼, ବଲାଙ୍ଗୀର, କଣ୍ଟାବାଞ୍ଜି, ରେଢ଼ାଖୋଲ, ଟିଟିଲାଗଡ଼, ମୁନିଗୁଡ଼ା ଆଦିର ରେଳବାଇ ୟୁନିଟ୍ ଓ ବିଭିନ୍ନ ସଂଗଠନ ଗୁଡ଼ିକ ମଧ ଅଂଶଗ୍ରହଣ କରିଥିଲେ । ପ୍ରଦର୍ଶନୀରେ ୫୦ରୁ ଅଧିକ ପ୍ରଜାତିର ଫୁଲ ଓ ହଜାର ହଜାର ସଂଖ୍ୟାରେ ରଙ୍ଗୀନ ପୁଷ୍ପ କୁଣ୍ଡ ସ୍ଥାନ ପାଇଥିଲା ।



## ଭାଲୁବାହାଲ ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ପ୍ରାର୍ଥନା ମହୋତ୍ସବ

ସମ୍ବଲପୁର : ଭାଲୁବାହାଲ ଆଦିତ୍ୟ ସ୍କୁଲ ପଡିଆ ଠାରେ ଏକ ପ୍ରାର୍ଥନା ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ରେଙ୍ଗାଲି ବିଧାୟକ ନାଉରୀ ନାଏକ ଏହା ଉଦଘାଟନ କରି ରାଜା ଏବଂ ପ୍ରଜା ମଧରେ ସମ୍ପର୍କ କିଭଳି ହେବା କଥା ବାଇବେଲରୁ କିଛି ଅଂଶ ଉଦ୍ଧାର କରି ଜନସାଧାରଣଙ୍କୁ ବୁଝାଇଥିଲେ । ଦ୍ୱିତିୟ ଦିବସରେ ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଡକ୍ଟର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରାର୍ଥନାର ମହତ୍ୱ ଓ ଗୁରୁତ୍ୱ ବିଷୟରେ ଜନ ସାଧାରଣଙ୍କୁ ବୁଝାଇଥିଲେ । ୟୁକ୍ରେନ ଅଞ୍ଚଳରେ ଶାନ୍ତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ଉତ୍ସବରେ ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ ।



## ଶ୍ରୀ ଜଗନ୍ନାଥ ଯଥାର୍ଥରେ ମହାପ୍ରଭୁ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)







ଡକ୍ଟର ଶ୍ୟାମ ସୁନ୍ଦର ଧରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିନିକାର ସିଦ୍ଧାର୍ଥ କଲେଜର ସଂସ୍କୃତ ଅଧାପକ ହରିଶ୍ଚନ୍ଦ୍ର ହୋତାଙ୍କ ବେଦମନ୍ତ୍ର ପାଠ ମଧରେ ଅତିଥିମାନେ ଦୀପ ପ୍ରଜ୍ୱଳନ କରିଥିଲେ । 'ସ୍ୱୀକାର' ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀଙ୍କୁ 'ସ୍ୱୀକାର' ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶେଷରେ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ୟୁକ୍ରେନ୍ ଓ ଋଷ ମଧରେ ହୋଇଥିବା ଯୁଦ୍ଧ ଏବଂ ତୁର୍କୀରେ ଭୂମିକମ୍ପ ଯୋଗୁଁ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷାମଣ୍ଡଳାଧୀଶ ଡକ୍ଟର ଗିରିଧାରୀ ହୋତା, ଭକ୍ତପ୍ରସାଦ ନନ୍ଦ, ଏଡଭୋକେଟ ଦୀନଦୟାଲ ଅଗ୍ରୱାଲ ଓ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଂଜନ ପଣ୍ଡା ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସ୍ୱୀକାର ପକ୍ଷରୁ ସମ୍ବର୍ଦ୍ଧିତ କରିଥିଲେ ।

ଏହି ଉତ୍ସବରେ ଏସ୍‌ସିଇଆରଟିର ଅବସରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ, ଲାଲାଲଜପତ ରାୟ ଆଇନ କଲେଜର ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରା, ଗଙ୍ଗାଧର ମେହେର କଲେଜର ଅବସରପ୍ରାପ୍ତ ଉପାଧ୍ୟକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ନିଳେନ୍ଦ୍ରୀ ପଣ୍ଡା, ପ୍ରଫେସର କୃପାସିନ୍ଧୁ ମହାପାତ୍ର, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ, ପ୍ରାଧାପିକା ଶ୍ରୀଲତା ମିଶ୍ର, ପ୍ରାଧାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ପ୍ରାଧାପିକା ଛନ୍ଦାରାଣୀ ମିଶ୍ର, ଅଧାପକ ସୁଧିର ମିଶ୍ର, ଅଧାପିକା ତେଜଶ୍ରୀ ମିଶ୍ର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଲକ୍ଷ୍ମୀପ୍ରିୟା ବେହେରା, କବି ସୋଭାଗ୍ୟବନ୍ତ ମହାରଣା, କ୍ଷେତ୍ରମଣି ବିଭାର, ଜନ୍ମେଜୟ ବାବୁ, ମମତା ନାଥ, ପ୍ରମୋଦ ଦାଶ, ଆଡଭୋକେଟ ବୈକୁଣ୍ଠ ହୋତା ଓ ଅଶୋକ କୁମାର ସେନାପତି, ଇଞ୍ଜିନିୟର ଶ୍ରୀକାନ୍ତ ପାଣିଗ୍ରାହୀ, ଡାକ୍ତର ସୁରେନ୍ଦ୍ର କୁମାର ପଣ୍ଡା, ବରିଷ୍ଠ ଶିକ୍ଷକ ପରମେଶ୍ୱର ଦାଶ, ରାଜେନ୍ଦ୍ର ପଣ୍ଡା, ଉଦିତ୍ ଚନ୍ଦ୍ର ପାଙ୍ଗଯୋଶୀ, ରାମେଶ୍ୱର ପାଢ଼ୀ, ଶେଫାଳି ରାଣୀ ଦାଶ, ବିଷ୍ଣୁପ୍ରସାଦ ଗୁରୁ, ହରିହର ମିଶ୍ର, କୁଳମଣି ଦାଶ, ଅଚ୍ୟୁତାନନ୍ଦ ତ୍ରିପାଠୀ, ବଳରାମ ପଣ୍ଡା, ଅବସରପ୍ରାପ୍ତ ଆୟକର କମିଶନର ସଦାନନ୍ଦ ସାନବର୍ଷା, ସମାଜସେବୀ ଶଶୀଭୂଷଣ ତ୍ରିପାଠୀ, ବେଣୁଧର ତ୍ରିପାଠୀ, ଉଦ୍ଧବ ମହାପାତ୍ର, ହରି ସାମନ୍ତରାୟ, ଆକାଶବାଣୀ ସମ୍ବଲପୁର କେନ୍ଦ୍ରର ଅବସରପ୍ରାପ୍ତ କେନ୍ଦ୍ର ନିର୍ଦ୍ଦେଶକ ଏମ୍.ଆର୍.କେ ରାଓ, ସୋନପୁରର ବରିଷ୍ଠ ସାମ୍ବାଦିକ ବିନୟ ରଞ୍ଜନ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra